

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୮୧ ● ୨୮ ଜୁଲାଇ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-181 ● 28th July 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

# ୨୦୪୭ ସୁଦ୍ଧା ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କର ଆକାଂକ୍ଷା : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କର ଆକାଂକ୍ଷା। ଶନିବାର ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଅନୁଷ୍ଠିତ ନୀତି ଆୟୋଗର ନବମ ବୈଠକକୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି ଯେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟଗୁଡିକ ସକ୍ରିୟ ଭୂମିକା ଗ୍ରହଣ କରିବେ। କାରଣ ସେମାନେ ଲୋକଙ୍କ ସହିତ ସିଧାସଳଖ ଜଡ଼ିତ ଅଛନ୍ତି। ଏହି ଦଶନ୍ଧି ପରିବର୍ତ୍ତନ, ବୈଷୟିକ ଏବଂ ଭୂ-ରାଜନୈତିକ ଓ ସୁଯୋଗର ମଧ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଏହି ସୁଯୋଗର ଲାଭ ଉଠାଇବା ଉଚିତ ଏବଂ ନୀତିଗୁଡ଼ିକୁ ଅନ୍ତର୍ଜାତୀୟ




ପୁଞ୍ଜିନିବେଶ ପାଇଁ ଅନୁକୂଳ କରିବା ଉଚିତ୍। ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏହା ପ୍ରଗତିର ପଥ ବୋଲି ସେ କହିଛନ୍ତି। ଶ୍ରୀ ମୋଦି କହିଛନ୍ତି, ଦେଶ ସଠିକ ଦିଗରେ ଗତି କରୁଛି ଏବଂ ଶହେ ବର୍ଷରେ ଥରେ ମହାମାରୀକୁ ପରାସ୍ତ କରିଛି । ସେ କହିଛନ୍ତି, ଦେଶବାସୀ ଉତ୍ସାହ ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ। ପ୍ରଧାନମନ୍ତ୍ରୀ କହିଥିଲେ, ସମସ୍ତ ରାଜ୍ୟର ମିଳିତ ପ୍ରୟାସରେ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ। ସେ କହିଥିଲେ ବିକଶିତ *(ପୃଷ୍ଠା ୭ରେ)*

# ନୀତି ଆୟୋଗ ବୈଠକରେ କେନ୍ଦ୍ର ସହାୟତା ଲୋଡିଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୭**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୀତି ଆୟୋଗ ବୈଠକରେ ଯୋଗଦେଇ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ତ୍ୱରିତ କାର୍ଯ୍ୟକାରୀ କରିବା ଏବଂ ବିକଶିତ ଭାରତ ସହିତ ବିକଶିତ ଓଡ଼ିଶା ଅଭିଯାନକୁ ଫଳପ୍ରଦ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଛନ୍ତି। ରାଜ୍ୟରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା, ବିପର୍ଯ୍ୟୟ ପ୍ରତିରୋଧ, ବିଦ୍ୟୁତ୍, ଟେଲିକମ୍ ଓ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ନିମନ୍ତେ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଓଡ଼ିଶାର ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ଧାମରା ଓ ଗଞ୍ଜାମ ଜିଲ୍ଲା ଗୋପାଳପୁରରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ନିବେଦନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ପ୍ରାୟ ୪ହଜାର ୩ଶହ ଏକର ଜମି ହସ୍ତାନ୍ତର ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନ୍ତଃରାଜ୍ୟ




ଅକ୍ଷୟ ଶକ୍ତି ପରିବହନ କରିଡର, ଟେଲିକମ, ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ପ୍ରତିଷ୍ଠା ତ୍ୱରିତ କେନ୍ଦ୍ରୀୟ ମଞ୍ଜୁରୀ ପାଇଁ ଦାବି ଉପସ୍ଥାପନ କରିଛନ୍ତି । ସେହିପରି ରାଜ୍ୟର ବ୍ୟାଙ୍କ ନଥିବା ପଞ୍ଚାୟତରେ ତୁରନ୍ତ ବ୍ୟାଙ୍କ ଓ ଏଟିଏମ ଖୋଲିବା କ୍ଷେତ୍ରରେ କେନ୍ଦ୍ରୀୟ ସହାୟତା ଲୋଡିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ରେଳ *(ପୃଷ୍ଠା ୭ରେ)*

## ଆତଙ୍କବାଦୀ ହମଲାରେ ଜଣେ ଯବାନ ଶହୀଦ, ୪ ଆହତ

**ନୂଆଦିଲ୍ଲୀ, ୨୭।୭**

ସୀମାରେ କିଛି ଦିନ ହେବ ଲାଗି ରହିଛି ଆତଙ୍କବାଦୀ ହମଲା। ଶନିବାର ସକାଳେ ପୁଣି ଆତଙ୍କବାଦୀ ଓ ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ଜଣେ ଆତଙ୍କବାଦୀ ନିପାତ ହୋଇ ଥିବାବେଳେ ୫ ଜଣ ଯବାନ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ପରବର୍ତ୍ତୀ ସମୟରେ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଶନିବାର ସକାଳେ ଜମ୍ମୁ-କଶ୍ମୀର କୁପଓ୍ୱାଡା ଜିଲ୍ଲାର ମଛିଲ ସେକ୍ଟର ନିକଟରେ ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ପାକିସ୍ତାନ ବୋର୍ଡର ଆକ୍ସନ ଟିମ ଆତଙ୍କବାଦୀମାନେ ଏହି ଆକ୍ରମଣ କରିଥିଲେ । ଭାରତୀୟ ସେନା ଏହାର କଡ଼ା ଜବାବ ଦେଇଛି।

ଯବାନଙ୍କ ପାଲଟା ଆକ୍ରମଣରେ ଜଣେ ଆତଙ୍କାବାଦୀକୁ ସଫା କରିଛି ଭାରତୀୟ ସେନା। କିନ୍ତୁ ପାଲଟା ଆକ୍ରମଣ ସମୟରେ ପାଞ୍ଚ ଜଣ ଯବାନ ଆହତ ହୋଇଛନ୍ତି । *(ପୃଷ୍ଠା ୭ରେ)*

## ଅଗଷ୍ଟ ଶେଷ ସୁଦ୍ଧା ବିଜେପିକୁ ମିଳିବ ନୂଆ ରାଷ୍ଟ୍ରୀୟ ଅଧକ୍ଷ

**ନୂଆଦିଲ୍ଲୀ, ୨୭।୭**

ବିଜେପି ଶିବିରରୁ ଆସିଲା ବଡ଼ ଖବର । ଅଗଷ୍ଟ ଶେଷ ସୁଦ୍ଧା ଦଳକୁ ମିଳିପାରେ ରାଷ୍ଟ୍ରୀୟ ଅଧକ୍ଷ। ଅଗଷ୍ଟ ମାସରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହା ପୂର୍ବରୁ ନୂଆ ଚେହେରାଙ୍କ ଉପରେ ଦଳ ମୋହର ମାରିପାରେ ବୋଲି ଅନୁମାନ କରାଯାଉଛି।

ଯଦିଓ ଜୁନ ମାସରୁ ନଡ୍ଡାଙ୍କ କାର୍ଯ୍ୟକାଳ ସରିଥିଲେ ବି ନୂଆ ଅଧକ୍ଷ ପର୍ଯ୍ୟନ୍ତ ସେ ଦାୟିତ୍ୱ ସମ୍ଭାଳିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ତେବେ ଏହି ଦୌଡରେ ସବୁଠୁ ଆଗରେ ରହିଛନ୍ତି ସ୍ମୃତି ଇରାନୀ। ଆଜି ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଅଧକ୍ଷ ପଦରେ କୌଣସି ମହିଳା ଚେହେରାଙ୍କୁ ଦଳ ସୁଯୋଗ ଦେଇନାହିଁ । ଅନ୍ୟପଟେ ସ୍ମୃତି ଦଳର ଜଣେ ଫାୟାରବ୍ରାଣ୍ଡ ଚେହେରା ହୋଇ ମଧ ଆମେଠିରୁ ହାରିଛନ୍ତି। ସେପଟେ ଦଳ ନାରୀ ସଶକ୍ତିକରଣ କଥା କହୁଥିବାରୁ ସ୍ମୃତିଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇପାରେ। ଇତିମଧ୍ୟରେ ଗୃହମନ୍ତ୍ରୀ ଅମିତ ଶାହା, ମହାସଚିବ ବିଏସ ସନ୍ତୋଷଙ୍କ ସହ ନଡ୍ଡା ଦୁଇ ଘଣ୍ଟା ଧରି ବୈଠକ କରିବା ପରେ ଦଳ ଖୁବ ଶୀଘ୍ର ରାଷ୍ଟ୍ରୀୟ ଅଧକ୍ଷ ବାଛୁଥିବା ଖବର ଚର୍ଚ୍ଚା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆଳୁ ସମସ୍ୟାର ସମାଧାନ ନେଇ ମମତାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ, ୨୭।୭**

ଓଡ଼ିଶା-ପଶ୍ଚିମବଙ୍ଗ ସୀମାରୁ ଆଳୁ ଟ୍ରକ୍‌ଗୁଡିକ ଫେରିଯିବା ପରେ ରାଜ୍ୟରେ ଦର ବୃଦ୍ଧି ହୋଇଛି । ବ୍ୟବସାୟୀମାନେ ମନମୁତାବକ ଆଳୁ ବିକ୍ରି କରୁଛନ୍ତି। ରାଜ୍ୟ ଯୋଗାଣମନ୍ତ୍ରୀ କିଲୋ ପିଛା ୩୨ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗ୍ରାହକମାନେ ଆଳୁ କିଲୋ ୮୦ ଟଙ୍କା ପର୍ଯ୍ୟନ୍ତ ଦରରେ କିଣୁଛନ୍ତି। ରୋଷେଇଶାଳର ଅନ୍ୟତମ ମୁଖ୍ୟ ପରିବା ଆଳୁ । ଦର ବୃଦ୍ଧି ନେଇ ରାଜ୍ୟବାସୀ ଚିନ୍ତାରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ନୀତି ଆୟୋଗର ବୈଠକରେ ଯୋଗଦେବା ପାଇଁ ଦିଲ୍ଲୀ ଗସ୍ତରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆଳୁ ଯୋଗାଣ ସମସ୍ୟାର ସମାଧାନ ନେଇ



ମମତା ବାନାର୍ଜୀଙ୍କ ସହିତ ଆଲୋଚନା କରିଛି । ସମସ୍ୟାର ଶୀଘ୍ର ସମାଧାନ ପାଇଁ ମମତାଙ୍କୁ ଅନୁରୋଧ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ହଠାତ ଆଳୁ ଦର ବଢିଯିବା ପରେ ଲୋକେ ପ୍ରଭାବିତ ହୋଇଛନ୍ତି। ସାଧାରଣ ଲୋକଙ୍କ ତୁଳନାରେ ଖାଦ୍ୟ ବ୍ୟବସାୟୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ଜଳଖିଆ ଦୋକାନ, ଦହି-ବରା ଦୋକାନୀ ହୋଟେଲ ବ୍ୟବସାୟୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି।ସେହିପରି ଦର ବୃଦ୍ଧି ଯୋଗୁଁ ଗ୍ରାହକଙ୍କୁ ହୋଟେଲରେ ଅଧିକ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି।

# ଅଢେଇ ଲକ୍ଷ ଯୁବବର୍ଗଙ୍କୁ ଦେଶରୁ ବିତାଡ଼ିତ କରିବ ଆମେରିକା: ତାଲିକାରେ ଅଧିକ ଭାରତୀୟ

**ଓ୍ୱାଶିଂଟନ, ୨୭।୭**

ଆମେରିକା ଯିବା ହେଉଛି ଅନେକ ଭାରତୀୟଙ୍କ ସ୍ୱପ୍ନ। ଅନେକ ଲୋକ ଓ୍ୱାର୍କ ଭିସା ନେଇ ଆମେରିକାରେ ବସବାସ କରୁଛନ୍ତି। ବିଶେଷ କରି ସେମାନଙ୍କ ପିଲାମାନଙ୍କର ଶିକ୍ଷା ପାଇଁ ଏଭଳି କରୁଛନ୍ତି। ତେବେ ବର୍ତ୍ତମାନ ଅଢ଼େଇ ଲକ୍ଷରୁ ଅଧିକ ଯୁବବର୍ଗଙ୍କ ଉପରେ ନିର୍ବାସନର ଖଣ୍ଡା ଝୁଲୁଛି। ରିପୋର୍ଟ ଅନୁସାରେ ଆମେରିକା ଶୀଘ୍ର ଅଢ଼େଇ ଲକ୍ଷରୁ ଅଧିକ ଯୁବବର୍ଗଙ୍କୁ ଘରକୁ ପଠାଇବାକୁ ପ୍ରସ୍ତୁତ ହେଉଛି। ଭାରତୀୟ-ଆମେରିକୀୟ ମୂଳର ଅନେକ ଯୁବବର୍ଗଙ୍କ ନାମ ଏହି ତାଲିକାରେ ରହିଛି।

ବାସ୍ତବରେ, ଆମେରିକୀୟ ନିୟମ ଅନୁଯାୟୀ, ପିଲାମାନେ କେବଳ ୨୧ ବର୍ଷ ବୟସ ପର୍ଯ୍ୟନ୍ତ ସେମାନଙ୍କ ପିତାମାତା ଉପରେ ନିର୍ଭର କରିପାରିବେ । ପିଲାମାନେ ୨୧ ବର୍ଷ ହେବା ପରେ ସେମାନଙ୍କ



ପିତାମାତାଙ୍କ ଭିସା ଉପରେ ଆମେରିକାରେ ରହିବାକୁ ଅନୁମତି ନାହିଁ । ଏଭଳି ପରିସ୍ଥିତିରେ ଅନେକ ଭାରତୀୟ ନିଜ ପିଲାମାନଙ୍କ ସହିତ ଆମେରିକାରେ ବସବାସ କରୁଛନ୍ତି।

କିନ୍ତୁ ଯେତେବେଳେ ସେମାନଙ୍କର ପିଲାମାନେ ୨୧ ବର୍ଷର ହେବେ ସେତେବେଳେ ସେମାନଙ୍କୁ ଭାରତକୁ ଫେରିବାକୁ ପଡ଼ିବ। ପିତାମାତାଙ୍କ ଭିସା ଉପରେ ଆମେରିକାରେ ରହୁଥିବା ପିଲାମାନଙ୍କୁ ଡକ୍ୟୁମେଣ୍ଟ ଡ୍ରିମର୍ସ କୁହାଯାଇଥାଏ । ଯଦି ଡକ୍ୟୁମେଣ୍ଟ ହୋଇଥିବା *(ପୃଷ୍ଠା ୭ରେ)*

# ଋଷ ସହ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ୟୁକ୍ରେନ ଯିବେ ପ୍ରଧାନମନ୍ତ୍ରୀ ମୋଦି



**ନୂଆଦିଲ୍ଲୀ, ୨୭।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଗଷ୍ଟ ୨୩ ତାରିଖରେ ୟୁକ୍ରେନ ଗସ୍ତ କରିବାର ସମ୍ଭାବନା ରହିଛି। ଯେଉଁଠାରେ ସେ ରାଷ୍ଟ୍ରପତି ଭଲଡିମ୍ ଜେଲେନସ୍କିଙ୍କୁ ଭେଟିବେ।

ଋଷ ସହିତ ଯୁଦ୍ଧ ପରଠାରୁ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ୟୁକ୍ରେନ ଗସ୍ତ ହେବ। ପ୍ରଧାନମନ୍ତ୍ରୀ ମୋଦି ଋଷ ଗସ୍ତରେ ଯାଇ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାର କିଛି ଦିନ ପରେ ଏହି ଗସ୍ତ କରିବେ ବୋଲି ସୂଚନା ରହିଛି। ପ୍ରାୟ ଏକ ମାସ ପୂର୍ବେ ଇଟାଲୀରେ ଅନୁଷ୍ଠିତ ଜି-୭ *(ପୃଷ୍ଠା ୭ରେ)*

# ଆଗାମୀ ୪ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଉତ୍ତର ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୪ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ପାଣିପାଗକେନ୍ଦ୍ରର ସୂଚନା ଅନୁସାରେ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।




ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। *(ପୃଷ୍ଠା ୭ରେ)*

## ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ କମଳା ହାରିସ

**ଓ୍ୱାଶିଂଟନ, ୨୭।୭**

ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ କମଳା ହାରିସ । ସୋସିଆଲ ମିଡିଆରେ ଉପରାଷ୍ଟ୍ରପତି ହାରିସ ସୂଚନା ଦେଇ କହିଛନ୍ତି, ପ୍ରତି ଭୋଟ ଜିତିବା ପାଇଁ ପ୍ରୟାସ କରାଯିବ । ତେବେ ଦଳ ତାଙ୍କୁ ବିଶ୍ୱାସ କରିଥିବାରୁ କମଳା ହାରିସ ଖୁସି ବ୍ୟକ୍ତ କରିଛନ୍ତି । ଏଥର ଆମେରିକାରେ ଟ୍ରମ୍ପ-ହାରିସ ଲଢେଇ ଦେଖିବାକୁ ମିଳିବ। ରାଷ୍ଟ୍ରପତି ଜୋ ବାଇଡେନ ହ୍ୱାଇଟ ହାଉସ ରେସରୁ ଓହରିଯିବା ପରେ କମଳା ହାରିସଙ୍କୁ ସେ ନିଜ ସମର୍ଥନ ଜଣାଇଥିଲେ । କମଳା ହାରିସ ମଧ ଏଥିପାଇଁ ଜୋ ବାଇଡେନ ଏବଂ ପାର୍ଟିକୁ କୃତଜ୍ଞତା ଜଣାଇଛନ୍ତି । ଯଦି ହାରିସ ରାଷ୍ଟ୍ରପତି ହୁଅନ୍ତି, ତେବେ ସେ ଆମେରିକାର ପ୍ରଥମ ମହିଳା ଏବଂ ଦ୍ୱିତୀୟ କୃଷ୍ଣକାୟ ରାଷ୍ଟ୍ରପତି ହେବେ। ରାଷ୍ଟ୍ରପତି ଜୋ ବାଇଡେନଙ୍କ ପରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ତାଙ୍କ ପତ୍ନୀ ମିଶେଲ ଓବାମା ରାଷ୍ଟ୍ରପତି ପଦ ଲାଗି କମଳାଙ୍କୁ ସମର୍ଥନ ଜଣାଇଥିଲେ।

# ପ୍ରେମ ନେଉଛି ଯୁବପିଢ଼ିଙ୍କ ଜୀବନ, ରାଜଧାନୀରେ ଅଧା ବର୍ଷରେ ଆତ୍ମହତ୍ୟା କଲେଣି ୨୫୩ ଜଣ



**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ଅନେକ ଯୁବକ ଆତ୍ମହତ୍ୟା କରିବାର କାରଣ ହେଉଛି ପ୍ରେମ। ଜଣେ ଯୁବତୀଙ୍କୁ ଭଲ ପାଇବା ପରେ ଯଦି ଯୁବତୀ ଅନ୍ୟ ଜଣେ ଯୁବକଙ୍କ ସଂସ୍ପର୍ଶରେ ଆସୁଛନ୍ତି ତେବେ ଯୁବକ ଜଣଙ୍କ ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଛନ୍ତି । କାରଣ ଯୁବକ ଜଣଙ୍କ ତାର ପ୍ରେମିକା ସବୁ କିଛି ଭାବି ଥିବା ବେଳେ ସେ ଛାଡ଼ି ଦେବା ପରେ ଦୁନିଆରେ ତାଙ୍କର ବଞ୍ଚିବାର ଅଧିକାର ବୋଲି ଭାବୁଛନ୍ତି। ତେଣୁ ଏଭଳି ଯୁବକଙ୍କ କ୍ଷେତ୍ରରେ କାଉନସିଲିଂ ଆବଶ୍ୟକ ବୋଲି ପୁଲିସ କହିଛି।

ରାଜଧାନୀରେ କିଛିଦିନ ହେଲା ଆତ୍ମହତ୍ୟା କ୍ରମଶଃ ବଢିବାରେ ଲାଗିଛି । ପ୍ରେମ ପ୍ରତାରଣା, ପାରିବାରିକ କଳହ ନେଉଛି ଜୀବନ। ବିଶେଷକରି ମହିଳାଙ୍କ ଅପେକ୍ଷା ସହରରେ ପୁରୁଷଙ୍କ ଆତ୍ମହତ୍ୟା ହାର ଅଧିକ ରହିଛି । ପୁଲିସରୁ ମିଳିଥିବା ତଥ୍ୟ ଅନୁସାରେ ଅଧା ବର୍ଷରେ ଗଲାଣି ୨୫୩ ଜଣଙ୍କ ଜୀବନ। କିଏ ବିଷ ଖାଇ ଆତ୍ମହତ୍ୟା କରିଥିବା ବେଳେ ଆଉ କିଏ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ବିଷ ପିଇ ଆତ୍ମହତ୍ୟା କରିବା ଠାରୁ ବେକରେ ରଶି କିମ୍ବା କପଡ଼ା ବାନ୍ଧି ଆତ୍ମହତ୍ୟା କରିବା ସଂଖ୍ୟା ଅଧିକ ରହିଛି । *(ପୃଷ୍ଠା ୭ରେ)*

## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶନାମା

# ଏଣିକି ୧୨ ଦିନ ସ୍କୁଲ ବୁଲିବା ବାଧ୍ୟତାମୂଳକ

**ରାଉରକେଲା, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନର ମାନ ଯାଞ୍ଚ କରିବେ ଗୋଷ୍ଠୀ ଶିକ୍ଷାଧିକାରୀ। ଠିକ ସମୟରେ ଶିକ୍ଷାନୁଷ୍ଠାନରେ ମଧ୍ୟାହ୍ନଭୋଜନ ଦିଆଯାଉଛି ନା ନାହିଁ, ଖାଦ୍ୟର ମାନ ସମେତ ଶିକ୍ଷକଶିକ୍ଷୟିତ୍ରୀ ନିଜ ନିଜ କର୍ତ୍ତବ୍ୟ ପାଳନ କରୁଛନ୍ତି ନା ନାହିଁ, ତାହା ତଦାରଖ କରିବେ। ଏମିତିକି ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁନଃ ସ୍କୁଲକୁ ଆଣିବାର ବନ୍ଦୋବସ୍ତ କରିବା ତଥା ପିଲାମାନଙ୍କ ବ୍ୟବହାରିକ ଜ୍ଞାନ/ଦକ୍ଷତା ବୃଦ୍ଧି



ପାଇଁ ପଦକ୍ଷେପ ନେବା ହେଉଛି ବିଇଓଙ୍କ ଉତ୍ତରଦାୟିତ୍ୱ । ବିଇଓ ମାସକୁ ଅନ୍ୟୂନ ୧୨ ଦିନ ସ୍କୁଲ ପରିଦର୍ଶନରେ ଯାଇ ୫୦ଟି ଶିକ୍ଷାନୁଷ୍ଠାନ ଯାଞ୍ଚ କରିବେ । କିନ୍ତୁ ବିଇଓମାନେ ନିଜ କର୍ତ୍ତବ୍ୟରେ ଘୋର ଅବହେଳା କରୁଛନ୍ତି। ଫଳରେ କ୍ରମଶଃ ସରକାରୀ *(ପୃଷ୍ଠା ୭ରେ)*





# ମାନବସମ୍ବଳ ଅଭାବରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବେ ବାଟବଣା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ କଳାସଂସ୍କୃତିର ମଙ୍ଗ ଧରିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଏହି ବିଭାଗ ଅଧୀନରେ ଆସୁଛି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ। ହେଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବେ ବାଟବଣା ହୋଇଛି। ଏଠାରେ ମାନବସମ୍ବଳ ଅଭାବ ଥିବାବେଳେ ଏବେ ସଭାପତି ଓ ଉପସଭାପତି ନାହାନ୍ତି। ଏକାଡେମୀର ବାର୍ଷିକ କ୍ୟାଲେଣ୍ଡରରେ ପ୍ରାୟ ୭୦ରୁ ଅଧିକ କାର୍ଯ୍ୟକ୍ରମ ରହିଥିବାବେଳେ ଏହାକୁ ଦ୍ରୁତଗତିରେ ହୋଇପାରୁନାହିଁ। ରାଜ୍ୟରେ ନୂଆ ସରକାର ଆସିଥିବାବେଳେ ଏବେ ଅସ୍ତିତ୍ୱକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅସ୍ତିତ୍ୱକୁ ନେଇ ନିର୍ବାଚନ ବୈତରଣୀ ପାର ହୋଇଥିବା ସରକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ବିଶେଷ କରି ମାନବସମ୍ବଳର ଘୋର ଅଭାବ ରହିଛି। ଜଣେ ମାତ୍ର ନିୟମିତ କର୍ମଚାରୀ ଏଠାରେ କାର୍ଯ୍ୟ



କରୁଛନ୍ତି। ବର୍ଷତମାମ ବିଭିନ୍ନ ନାଟକ, ସଙ୍ଗୀତ କାର୍ଯ୍ୟକ୍ରମ କରାଯାଉଛି। ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ପୁରସ୍କାର ପ୍ରଦାନ କରାଯାଉଛି। ଜଣେ ନିୟମିତ କର୍ମଚାରୀ ଚିଠି ଦାୟିତ୍ୱରେ ଥିବାବେଳେ ୩ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ କାର୍ଯ୍ୟକ୍ରମ ଦାୟିତ୍ୱରେ ଏବଂ ଜଣେ ପିଅନ ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ୬ ଜଣ ଚୁକ୍ତିଭିତ୍ତିରେ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଗାଡ଼ି ଚାଳକ ଏବଂ ଜଣେ ଝାଡୁଦାର ଭାବେ କାର୍ଯ୍ୟ କରୁଛନ୍ତି। ତେବେ ବାର୍ଷିକ କ୍ୟାଲେଣ୍ଡର ଅନୁସାରେ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଉଜ୍ଜୀବିତ କରିବା ପାଇଁ ମଧ୍ୟ ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଛି। ସେହିପରି ପୂର୍ବରୁ ୧୭ ବର୍ଗରେ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଗତବର୍ଷ ନୂଆ ପୁରସ୍କାର ସାମିଲ ହୋଇଛି। ସୀମିତ ମାନବସମ୍ବଳ ଥିବାବେଳେ ନୂଆ ନିଯୁକ୍ତିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି ଏବଂ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ନିୟମିତ ବି କରୁନାହାନ୍ତି। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ କହିଛନ୍ତି, ଏସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

# ଡ୍ରିପ-୩ ଭରସାରେ ହୀରାକୁଦ ଅତିରିକ୍ତ ସ୍ପିଲ୍‌ୱେ ପ୍ରକଳ୍ପ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରରେ ଅତିରିକ୍ତ ସିଲ ନିର୍ମାଣକୁ ନେଇ ଅନିଶ୍ଚିତତା ଲାଗି ରହିଛି। ୪ ବର୍ଷ ହେଲା ନିର୍ମାଣ ବନ୍ଦ ରହିଛି। ଏବେ ଏହି ପ୍ରକଳ୍ପ ଆଗେଇବ ନା ନାହିଁ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ୧୯୯୭ ମସିହାରେ କେନ୍ଦ୍ର ଜଳ ଆୟୋଗ ଓ ରାଜ୍ୟ ସରକାର ମିଳିତ ଭାବେ ମହାନଦୀରେ ସାମ୍ଭାବ୍ୟ ସର୍ବାଧିକ ବନ୍ୟା (ପିଏମ୍‌ଏଫ୍‌) ସଂପର୍କରେ ଆକଳନ କରିଥିଲେ। ହୀରାକୁଦ ଜଳଭଣ୍ଡାରରକୁ ଏକ ସଙ୍ଗରେ ୨୪.୫୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ଆସିବା ଆଶଙ୍କା ଥିବା ଏହି ଆକଳନରୁ ଜଣାପଡ଼ିଥିଲା। ବର୍ତ୍ତମାନର ବ୍ୟବସ୍ଥାରେ ଏକ ସଙ୍ଗରେ ହୀରାକୁଦ ଜଳଭଣ୍ଡାରରୁ ସର୍ବାଧିକ ୧୫ଲକ୍ଷ କ୍ୟୁସେକ୍ ବନ୍ୟାଜଳ ନିଷ୍କାସିତ ହୋଇପାରିବ। ଛତିଶଗଡ଼ ସରକାର ମହାନଦୀରେ ଅନେକ ବ୍ୟାରେଜ ନିର୍ମାଣ କରିବା ସହିତ ନିଜ ରାଜ୍ୟର ସ୍ୱାର୍ଥ ପାଇଁ ମନଇଚ୍ଛା ମହାନଦୀ ଜଳ ବ୍ୟବହାର କରୁଛନ୍ତି। ଗ୍ରୀଷ୍ମଦିନେ ମହାନଦୀ ଜଳକୁ ରୋକୁଛନ୍ତି, ବର୍ଷାଦିନେ କଲମା ବ୍ୟାରେଜର ସବୁ ଗେଟ୍ ଖୋଲା ରଖୁଛନ୍ତି। ଫଳରେ ଡ୍ୟାମ୍ ପ୍ରତି ବିପଦ ବଢ଼ିଛି। ୨୦୧୮ ମସିହାରେ ନୂଆ କରି ସିଲ୍ ହୀରାକୁଦକୁ ବନ୍ୟାଜଳ ବି ଡିଭିଜନ ସ୍ଥାପନ କରିବା ସହିତ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲେ। ଟାଟା ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍ ୩୬୯.୫୩ କୋଟି ଟଙ୍କାରେ ଏହି ଟେଣ୍ଡର ହାତେଇଥିଲା। ତେବେ ଏହି ସଂସ୍ଥା ମାତ୍ର ୧୨ କୋଟି ଟଙ୍କାର କାମ କରିବା ପରେ ଜମି ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ ଦେଖାଇ ୨୦୨୦ ମସିହାରେ ପ୍ରକଳ୍ପରୁ ଓହରିଯାଇଥିଲା। ଏହା ପରେ ଜଳ ସଂପଦ ବିଭାଗ ସିଧାସଳଖ ଟେଣ୍ଡର ନଡାକି ଗତ ୨୦୨୧ ନଭେମ୍ବରରେ ଓଡ଼ିଶା ନିର୍ମାଣ ନିଗମ(ଓସିସି)ଉପରେ ନିର୍ମାଣ କାମ ନ୍ୟସ୍ତ କରିଥିଲା। ପ୍ରକଳ୍ପ କାମ ବିଳମ୍ବ ହେବାରୁ ବ୍ୟୟ ଅଟକଳ ୩୬୯.୫୩ କୋଟି ଟଙ୍କାରୁ ବଢ଼ି ୬୨୪.୩୮ କୋଟି ଟଙ୍କାରେ ପହଞ୍ଚିଥିଲା। ମାଟି କେନାଲ ଜାଗାରେ ସିମେଣ୍ଟ କଂକ୍ରିଟ କେନାଲ ପ୍ରସ୍ତାବ ରଖାଯାଇଥିଲା। ପରେ ବ୍ୟୟ ଅଟକଳ ୭୮୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସିମେଣ୍ଟ, ଲୁହା ଛଡ଼ ଆଦି ନିର୍ମାଣ ସାମଗ୍ରୀର ଦର ବୃଦ୍ଧି ଯୋଗୁ ପୂର୍ବ ଦର ଅନୁଯାୟୀ କାମ କରିବା କଷ୍ଟକର ଥିବା ଦର୍ଶାଇ ଏହାର ପୁନର୍ବିଚାର କରିବାକୁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବ ବ୍ୟୟ ଅଟକଳରୁ ଏହା ୧୫ ପ୍ରତିଶତରୁ ଅଧିକ ଥିବାରୁ ପ୍ରଶାସନିକ ମଞ୍ଜୁରୀର ଆବଶ୍ୟକତା ରହିଥିଲା। ୨୦୨୨ ମସିହାରୁ ଏହି ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି। ବ୍ୟୟ ଅଟକଳ ୨ ଗୁଣରୁ ଅଧିକ ବଢ଼ିଯିବା ପରେ ପୂର୍ବ ସରକାର ପ୍ରକଳ୍ପ ନେଇ ଆଉ ଆନ୍ତରିକତା ଦେଖାଇ ନ ଥିଲେ। ଅତିରିକ୍ତ ସିଲୱେ ନିର୍ମାଣ ପାଇଁ ହୀରାକୁଦ ସହରର ଫାଷ୍ଟ ଗ୍ୟାପ, ରିରୋଲିଂ ମିଲ୍ ଏରିଆ, କେବୁଲ କଲୋନି, ପ୍ରେମନଗର, ଗାନ୍ଧୀ ନଗର, ଲକ୍ଷ୍ମୀ ନଗର, ଗୁଜାତଳ ଆଦି ଅଞ୍ଚଳର ୧୪୧୫ ପରିବାର ବିସ୍ଥାପିତ ହେବେ। ଏବେବି ଗାନ୍ଧୀନଗର, ଲକ୍ଷ୍ମୀନଗର, ଗୁଜାତଳ ଆଦି ଅଞ୍ଚଳର ଲୋକ ଘର ଛାଡ଼ିନାହାନ୍ତି। ଏ ସଂକ୍ରାନ୍ତରେ ଉପର ମହାନଦୀ ଅବବାହିକା ପରିଚାଳକ ସୁଶୀଲ ବେହେରା କହିଛନ୍ତି, ଇତିମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ପ୍ରକଳ୍ପକୁ ଡ୍ରିପ୍‌-୩ ସାମିଲ ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଏଥିପାଇଁ ଖୁବ୍‌ଶୀଘ୍ର ସିଡବ୍ଲ୍ୟୁସି, ବିଶ୍ୱବ୍ୟାଙ୍କ ଓ ଡିଏଚ୍‌ଆରସିର ଏକ ମିଳିତ ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନରେ ହୀରାକୁଦ ବନ୍ଧକୁ ଆସିବେ।

# ଅଗଷ୍ଟ ୩ରେ କଣ୍ଟାବାଞ୍ଜି ପ୍ରେସ୍‌କ୍ଲବ୍ ବାର୍ଷିକୋତ୍ସବ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ପାଇଁ ପ୍ରେସ କ୍ଲବ ଅଫିସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭଜିତ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଗଷ୍ଟ ୩ ତାରିଖ ସ୍ଥାନୀୟ ରୋୟାଲ ଟୁଲିପ୍ ହୋଟେଲରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଉତ୍ସବରେ ନେତା, ମନ୍ତ୍ରୀ ଓ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସାମ୍ବାଦିକ ଅତିଥି ଭାବେ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ କିଛି ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ପ୍ରେସ୍ କ୍ଲବ କାର୍ଯ୍ୟକାରୀ ସଭାପତି ସୁରଦାସ ବାଗ, କୋଷାଧ୍ୟକ୍ଷ ହନି ସିଂ, ଉପସଭାପତି ମନୋଜ ଶର୍ମା, ସୁବ୍ରତ ମାହାକୁର, ଅଫିସ ସମ୍ପାଦକ ବିସିକେଶନ ମାଝି, ପରାମର୍ଶଦାତା ଦୁର୍ଗାପ୍ରସାଦ ଗୁପ୍ତା, ଆଶିଷ ଖୈତାନ, ଆନନ୍ଦ ମୋଟେ, ସଦସ୍ୟ ଅନିଲ ତ୍ରିପାଠୀ, ସୁଶାନ୍ତ ବେହେରା, ଦିନେଶ ଜୈନ, ଜଗମୋହନ ତାଣ୍ଡି, ଗଣେଶ ଦାସ, ଅଙ୍କୁର ଅଗ୍ରୱାଲ, ଦୀପକ ପାଣିଗ୍ରାହୀ, ଦେବେଶ ସିଙ୍ଘଲ, ଅମିତ ଶର୍ମା, କମଳ ଅଗ୍ରୱାଲ, ଶୈଳେନ୍ଦ୍ର ଜୈନ, ଆଇନ ପରାମର୍ଶଦାତା ବିବେକ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବି ଉପରେ ୧୬ କୋଟି ଟଙ୍କା ବାକି ଥିବାରୁ ଚିକିତ୍ସା ସାମଗ୍ରୀ ଯୋଗାଣରେ ସମସ୍ୟା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପକରଣ ଓ ଶରୀରରେ ଲାଗୁଥିବା ସାମଗ୍ରୀ ଯୋଗାଣରେ ସମସ୍ୟା ବଢିବାରେ ଲାଗିଛି। ଯେଉଁ ସବୁ ସଂସ୍ଥା ଏହି ସାମଗ୍ରୀ ଅଥବା ଉପକରଣ ଯୋଗାଉଛନ୍ତି, ସେମାନଙ୍କର ପାଖାପାଖି ୧୬ କୋଟି ଟଙ୍କା ଏସ୍‌ସିବି ଉପରେ ବାକି ପଡିଛି। ଫଳରେ ଠିକ୍ ସମୟରେ ସାମଗ୍ରୀ ଅଥବା ଉପକରଣ ମିଳିବାରେ ସମସ୍ୟା ହେଉଛି। ଯେଉଁ ଉପକରଣ ତିନି ଦିନରେ ମିଳି ଯାଉଥିଲା, ତାହା ପାଇବାକୁ ଏବେ ସପ୍ତାହେରୁ ଅଧିକ ଦିନ ଲାଗିଯାଉଛି। ଯାହାଫଳରେ ଗୁରୁତର ରୋଗୀ ସମସ୍ୟାରେ ପଡ଼ିବା ସହିତ ଅସ୍ତ୍ରୋପଚାର ବି ବିଳମ୍ବିତ ହେଉଛି। ଗତମାସରେ ଏସ୍‌ସିବି ଗସ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଆସିଥିବା ବେଳେ ଏହି ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସପ୍ତାହେ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ବି ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରୁନି। ରାଜ୍ୟର ସବୁଠାରୁ ବଡ ରେଫରାଲ ସରକାରୀ ମେଡିକାଲ କଲେଜ ଏସ୍‌ସିବିକୁ ପ୍ରତ୍ୟେକ ଦିନ ହାରାହାରି ଭାବେ ୬ରୁ ୭ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ବିଭିନ୍ନ ୱାର୍ଡରେ ହାରାହାରି ଭାବେ ୩ରୁ ୪ହଜାର ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହେଉଛନ୍ତି। ଏସ୍‌ସିବିକୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଆସୁଥିବାବେଳେ ଯାହା ନିରାମୟ ବା ଓଏସ୍‌ଏମ୍‌ସିଏଲ୍ ହେଉନି ସେହି ସବୁ ଉପକରଣ, ଦାମୀ ଔଷଧ ସବୁ ଏସ୍‌ସିବିର ସ୍ୱୀକୃତିପ୍ରାପ୍ତ ଭେଣ୍ଡର ମାନଙ୍କଠାରୁ କ୍ରୟ କରାଯାଇଥାଏ। ବିଭିନ୍ନ ବିଭାଗର ଆବଶ୍ୟକତା ଅନୁଯାୟୀ ତାଲିକା ପ୍ରସ୍ତୁତ କରାଯାଇ ଉକ୍ତ ସ୍ୱୀକୃତିପ୍ରାପ୍ତ ଭେଣ୍ଡରମାନଙ୍କ ଠାରୁ ଅଣାଯାଇଥାଏ। ପୂର୍ବରୁ ଔଷଧ ଓ ଉପକରଣ ଇତ୍ୟାଦି ଠିକ ସମୟରେ ମିଳି ଯାଉଥିଲା। ଏବେ କିନ୍ତୁ ୧୬ କୋଟି ଟଙ୍କା ବାକି ପଡିଥିବାରୁ ଉକ୍ତ ସ୍ୱୀକୃତିପ୍ରାପ୍ତ ଭେଣ୍ଡରମାନେ ଜଗିରଖି ସାମଗ୍ରୀ ଯୋଗାଣ କରୁଛନ୍ତି। ଏଭଳି ପରିସ୍ଥିତିରେ ଆଇସିୟୁରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କ ଚିକିତ୍ସା ବି ବାଧାପ୍ରାପ୍ତ ହେଉଛି। ଜୁନ ୨୫ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏସ୍‌ସିବି ଗସ୍ତରେ ଆସିଥିବାବେଳେ ଏହି ବକେୟା ସମସ୍ୟା ସଂପର୍କରେ ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟକ୍ଷ ଓ ଅଧୀକ୍ଷକ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଆଲୋଚନା କରି ସପ୍ତାହେ ଭିତରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସକ ପରେ ବି ଏହାର ସମାଧାନ ହୋଇପାରିନି। ବକେୟା ପ୍ରାପ୍ୟ ପାଇଁ ସଂସ୍ଥାମାନେ ଅଧୀକ୍ଷକଙ୍କୁ ସାକ୍ଷାତ କରି ସେମାନଙ୍କ ପ୍ରାପ୍ୟ ପ୍ରଦାନ ସଂପର୍କରେ ନିବେଦନ କରିଥିବାବେଳେ ଅଧୀକ୍ଷକ ଏ ସଂପର୍କରେ ଡିଏମ୍‌ଇଟିଙ୍କ ସହ ଆଲୋଚନା କରାଯାଇଥିବା ନେଇ ସୂଚନା ଦେଇଥିଲେ।

# ଉଖୁଣ୍ଡାରେ ୨୫ ହାତୀ : ଲୋକେ ଆତଙ୍କିତ

**ଝୁମ୍ପୁରା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ଝୁମ୍ପୁରା ବ୍ଲକ୍ ଉଖୁଣ୍ଡା ଅଞ୍ଚଳରେ ୨୫ଟିକିଆ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ହାତୀପଲ ତିନି ଭାଗରେ ବିଭକ୍ତ ହୋଇ ଜାମୁଦରସାହି, ଗୋପୀବଲ୍ଲଭପୁର, କଞ୍ଚନଡୁମୁରିଆ, ରାଧିକାଦେଇପୁର ଓ ବାରିଆରେ ପଶିଥିଲେ। ତଳି କିଆର ନଷ୍ଟ କରିବା ସହ ପରିବା ଚାଷ ଉଜାଡ଼ି ଦେଇଛନ୍ତି। ହାତୀପଲକୁ ଦେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ଲୋକମାନେ ଚାରିଆଡ଼େ ଜଗି ରହିଥିବାରୁ ହାତୀପଲ ଯାଇପାରୁ ନଥିବା ଜଣାପଡ଼ିଛି।



# ପ୍ରଦୂଷଣମୁକ୍ତ ରାଉରକେଲା ଗଠନ ଲକ୍ଷ୍ୟ ନେଇ ଆରଏମସିର ଅଭିନବ ପ୍ରୟାସ, ୮ଟି ୟୁପିଏଚସିରେ ସୌର ପ୍ରକଳ୍ପ ସ୍ଥାପନ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସାମ୍ପ୍ରତିକ ପରିସ୍ଥିତିରେ ସରକାରଙ୍କ ତରଫରୁ ସବୁଜ ତଥା ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ପ୍ରାଥମିକତା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସମଗ୍ର ଦେଶରେ ସ୍ୱଚ୍ଛ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସୌରଶକ୍ତି ଓ ପବନ ଶକ୍ତି ଭଳି ନବୀକରଣ ଯୋଗ୍ୟ ବିକଳ୍ପ ଶକ୍ତି ଉତ୍ସର ପ୍ରକଳ୍ପ ଉପରେ ଗୁରୁତ ଦିଆଯାଉଛି। ଏହି କ୍ରମରେ ରାଉରକେଲା ମହାନଗର ନିଗମ ତରଫରୁ ସୌରଶକ୍ତିର ବ୍ୟବହାର କରି ଦୈନନ୍ଦିନର ବିଜୁଳି ଚାହିଦା ପୂରଣ କରିବା ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। ସବୁଜ ଶକ୍ତିର ବ୍ୟବହାରକୁ ପ୍ରାଧାନ୍ୟ ଦେବାକୁ ଯାଇ ଆରଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମେତ ସହରରେ ଥିବା ୮ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଯାଇଛି। ବର୍ତ୍ତମାନ ସମୟରେ ସେହି ସୂର୍ଯ୍ୟଙ୍କ ଶକ୍ତିକୁ ଆଧାର କରି ବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ଉପରେ ଚାରିଆଡ଼େ ପ୍ରାଥମିକତା ଦିଆଯାଉଛି। ଏହି କ୍ରମରେ ସୌରଶକ୍ତି ଭଳି ଅକ୍ଷୟ ଶକ୍ତିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରି ବିଦ୍ୟୁତ ଚାହିଦା ମେଣ୍ଟାଇବା ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମେତ ଛେଣ୍ଡ, ମହାତବ ରୋଡ଼, ସେକ୍ଟର ୬ ଓ ୨୨, ପାନପୋଷ, ଗୋପବନ୍ଧୁପାଲ୍ଲୀ, ତିଳକା ନଗର, ବାସନ୍ତୀ କଲୋନୀ ସ୍ଥିତ ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ସ୍ଥାପନ କରାଯାଇଛି। ଏଥିରୁ ଉତ୍ପାଦନ ହେଉଥିବା ବିଦ୍ୟୁତକୁ ଗ୍ରୀଡ୍‌କୁ ପ୍ରଦାନ କରାଯିବା ଫଳରେ ବିଦ୍ୟୁତ ଶୁଳ୍କ ମୂଲ୍ୟରେ ୩୦–୫୦ ପ୍ରତିଶତ ରିହାତି ମିଳିଛି, ଯାହା ଫଳରେ ବିଦ୍ୟୁତ ଶୁଳ୍କ ପରିମାଣ ମଧ୍ୟ ହ୍ରାସ ପାଇଛି।

# ବିଲରେ ଝୁଲୁଛି ବିଦ୍ୟୁତ୍ ତାର

**ପଦ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝରର ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ଉଠାଜଳ ପ୍ରକଳ୍ପ ଗୁଡ଼ିକୁ ସଂଯୋଗ କରୁଥିବା ବିଦ୍ୟୁତ୍ ତାର ଚାଷଜମି ଦେଇ ଯାଇଛି। ନୂଆଗାଁ ରାସ୍ତାର ବୁଲାଣି ନିକଟ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ବିଲରେ ତାର ଝୁଲି ରହିଥିବାରୁ ତାଙ୍କୁ ହଳ ଓ ରୁଆବଛା କରିବାରେ ସମସ୍ୟା ହେଉଛି। ଚାଷଜମି ଦେଇ ଚଳପ୍ରଚଳ କରିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ବିଦ୍ୟୁତ୍ ଖୁଣ୍ଟ ନଥିବା ବେଳେ ବାଉଁଶ ସାହାଯ୍ୟରେ ତାରକୁ ଟେକା ଯାଇଥିବା ଦେଖିବାକୁ ମିଳୁଛି। ଏନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ସେଥିପାଇଁ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ଚାଷୀମାନେ କହିଛନ୍ତି।



# ଅବକାରୀ ଥାନାକୁ ସଂଘବଦ୍ଧ ଆକ୍ରମଣ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଅବକାରୀ ଥାନାକୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଅବକାରୀ ଓଆଇସି ଓ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଆକ୍ରମଣ ମଧ୍ୟ କରିଛନ୍ତି। ଏନେଇ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୪ ତାରିଖ ଅପରାହ୍ନ ୨ଟାରେ ଜୟପୁର ଅବକାରୀ ଥାନାରେ ଥିବା ବେଳେ ନିଳାଗୁଡା ଗ୍ରାମର ୨୦ରୁ ୨୫ ଜଣ ଗ୍ରାମବାସୀ ଅତର୍କିତ ଭାବେ ଆସି ସଂଘ ବଦ୍ଧ ଆକ୍ରମଣ କରିଛନ୍ତି। ପ୍ରଥମେ ଗେଟ୍‌କୁ ଠେଲି ପଶିବା ସହ କିଛି କହିବା ପୂର୍ବରୁ ସେମାନେ ପାଟିତୁଣ୍ଡ କରିବା ସହ ଇଟା ଓ ଧାରୁଆ ପଥର ଧରି ଆକ୍ରମଣ କରିଥିଲେ। ଏହା ସହ ଅବକାରୀ ଓଆଇସି ଓ କର୍ମଚାରୀଙ୍କୁ ଠେଲାପେଲା କରିଥିଲେ। ନିଳାଗୁଡ଼ାରେ ପ୍ରଚୁର ପରିମାଣରେ ବିଷାକ୍ତ ଦେଶୀ ମଦ ପ୍ରସ୍ତୁତ କରୁଥିବା ବେଳେ ଅବକାରୀ ବିଭାଗ ବାରମ୍ବାର ଚଢ଼ଉ କରିଛି। ଏହାକୁ ଆକ୍ରୋଷ କରି ସଂଘବଦ୍ଧ ଆକ୍ରମଣ କରିଥିଲେ। ପୁଣି ନିଳାଗୁଡାରେ ଚଢ଼ଉ କଲେ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆସି ନିଳାଦ୍ରି ବିହାରି ମିଶ୍ର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜଣାଯାଇଛି।

# ତଳଖେତା-ଜଟଣୀ ରାସ୍ତାରେ ଜଳୁନି ଆଲୁଅ : ବଢୁଛି ଦୁର୍ଘଟଣା

**ଖଣ୍ଡଗିରି, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ରାଜଧାନୀର ପରିସୀମା ବୃଦ୍ଧି ପାଇବାରେ ଲାଗିଛି। ସହରକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ରଙ୍ଗବେରଙ୍ଗ ଅଲୋକରେ ସଜ୍ଜା ଯାଉଛି। ବିଭିନ୍ନ ଗଳିକନ୍ଦିରେ ଷ୍ଟ୍ରିଟ୍ ଲାଇଟ୍ ଲାଗୁଛି। ଏହା ଛଡ଼ା ଜାତୀୟ ରାଜପଥରେ ଥିବା ସମସ୍ତ ଓଭରବ୍ରିଜ୍ ଉପରେ ମଧ୍ୟ ଆଲୁଅ ଜଳୁଛି। କିନ୍ତୁ ରାଜପଥ କଡ଼ରେ ଥିବା ତଳଖେତା ଛକରୁ ଷଣ୍ଢପୁର ଜଟଣୀକୁ ସଂଯୋଗ କରୁଥିବା ରାସ୍ତାରେ ଏ ପର୍ଯ୍ୟନ୍ତ ଆଲୋକୀକରଣ ହୋଇନାହିଁ। ଫଳରେ ସନ୍ଧ୍ୟା ପରେ ଉକ୍ତ ରାସ୍ତାରେ ଅସାମାଜିକ ଆଡ୍ଡା ଜମାଉଛନ୍ତି। ଅନେକ ସମୟରେ ଲୋକମାନେ ଲୁଟ୍ ଓ ଛିନ୍‌ତାଇର ଶିକାର ହେଉଛନ୍ତି। ସ୍ଥାନେ ସ୍ଥାନେ ରାସ୍ତା ଖରାପ ଓ ପିଚୁ କଡ଼ ଖାଇଯାଇଥିବାରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତାରେ ଆଲୋକୀକରଣ ପାଇଁ ସ୍ଥାନୀୟ



ଲୋକମାନେ ଦାବି କରିଛନ୍ତି। ତଳଖେତା ଛକରୁ ଷଣ୍ଢପୁର ଜଟଣୀ ସହର ପ୍ରାୟ ୭କି.ମି. ରାସ୍ତାରେ ତଳଖେତା ଛକଠାରୁ ଷଣ୍ଢପୁର ଛକ ପ୍ରାୟ ୫ କିମି ଆଲୋକୀକରଣ ହୋଇନାହିଁ। ଭୁବନେଶ୍ୱର ଉପକଣ୍ଠରେ ଥିବା ଜଟଣୀ ସହର ଏକ ବହୁ ପୁରୁଣା ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ବଡ଼ବଡ଼ ମାଲ୍‌ଗୋଦାମ୍ ଅଛି। ଏହା ସହ ଦିନକୁ ଦିନ ରାଜଧାନୀ ସମ୍ପ୍ରସାରଣ ହେବାରେ ଲାଗିଛି। ଜଟଣୀ ସହରରେ ନାଇଜର, ଫାଟୁଆ ଗବେଷଣା କେନ୍ଦ୍ର, ଆଇଟି, ବହୁ ବୈଷୟିକ ମହାବିଦ୍ୟାଳୟ ମଧ୍ୟ ଗଢ଼ି ଉଠିଛି। ପ୍ରତିଦିନ ରାଜଧାନୀରୁ ୧୬ ନଂ. ଜାତୀୟ ରାଜପଥର ଖଣ୍ଡଗିରି, ପାତ୍ରପଡ଼ା, ତମାଣ୍ଡୋ, ଯାଁଳା, ତଳଖେତା ଦେଇ ହଜାର ହଜାର ଯାନ ଯାତାୟାତ କରୁଛି। ଜଟଣୀ ଗୋଷ୍ଠୀ ଏହାଛଡ଼ା ଗଙ୍ଗପଡ଼ା, ପିତାପଲ୍ଲୀ, ଛତାବର, ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ମଦନପୁର, ଯାଁଳା ଆଦି ଅଞ୍ଚଳର ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି। ସେହିଭଳି ଯାଁଳା ଇନଫୋଭ୍ୟାଲି ଅଞ୍ଚଳରେ ସାଇ ଶଙ୍କରା ବାଗଚି କର୍କଟ କେନ୍ଦ୍ର, ଇନ୍‌ଫୋସିସ୍, ଆରବିଆଇ ଭଳି ବଡ଼ ବଡ଼ ଅନୁଷ୍ଠାନ ଗଢ଼ି ଉଠିବା ସହ ମଦନପୁର, ଗଙ୍ଗପଡ଼ା, ତମାଣ୍ଡୋ, ଯାଁଳା ଆଦି ଅଞ୍ଚଳରେ ବହୁ ବୈଷୟିକ ମହାବିଦ୍ୟାଳୟ ମଧ୍ୟ ଗଢ଼ି ଉଠିଛି। ଜଟଣୀ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ସବୁଦିନ ସକାଳୁ ବହୁ ବେପାରୀ ଜଟଣୀ ଅଞ୍ଚଳରୁ ଜିନିଷ କିଣାବିକା କରି ସ୍ଥାନୀୟ ଅଞ୍ଚଳରେ ବୁଲି ବ୍ୟବସାୟ କରିଥାନ୍ତି। ସବୁଦିନ ଯେତିକି ଲୋକ ଜଟଣୀରୁ ନିଜ କାମ ପାଇଁ ରାଜଧାନୀ ମୁହାଁ ହୁଅନ୍ତି ତା'ଠାରୁ ଅଧିକ ଲୋକ ରାଜଧାନୀରୁ ଜଟଣୀ ଯାତାୟାତ କରନ୍ତି। ରାଜଧାନୀ ଉପକଣ୍ଠ ଅଞ୍ଚଳର ଯାଁଳା ଓ ତଳଖେତାରେ ଆପାର୍ଟମେଣ୍ଟଗୁଡ଼ିକ ଆଶାତୀତ ଭାବେ ବଢୁଛି। ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତାରେ ଦୀର୍ଘ ବର୍ଷ ଧରି ଆଲୋକୀକରଣ ନହେବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ପରେ ଏହି ନିଛାଟିଆ ରାସ୍ତାଦେଇ ଯିବାକୁ ଯାତ୍ରୀମାନେ ଉଚିତ୍ ମଣୁନାହାନ୍ତି। ୨୦୨୪ ଜାନୁଆରୀ ୧୪ରେ ସୁମନ ବେହେରା ନାମକ ଜଣେ ବ୍ୟବସାୟୀ ସନ୍ଧ୍ୟାରେ କିଛି ଜିନିଷ କିଣିବାକୁ ଯିବାବେଳେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେହିଭଳି ମାର୍ଚ୍ଚରେ ଜଟଣୀରୁ ଭୁବନେଶ୍ୱର ଫେରୁଥିବାବେଳେ ଜଣେ ବରିଷ୍ଠ ନାଗରିକଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଓ ଫୋନ୍ ଛଡ଼ାଇ ନେଇଥିଲେ। ଜନସଂଖ୍ୟା ବୃଦ୍ଧି ସହ ଉକ୍ତ ରାସ୍ତାକୁ ସମ୍ପ୍ରସାରଣ କରିବା ଏବେ ଜରୁରୀ ହୋଇପଡ଼ିଛି। ଗତ ବର୍ଷ ରାସ୍ତା ମରାମତି ହୋଇଥିଲେ ମଧ୍ୟ ଠାଏ ଠାଏ ପିଚୁ ଉଠିଗଲାଣି। ରାସ୍ତା ପାର୍ଶ୍ୱ ମାଟି ଖାଇ ଖାଲ ହୋଇଯାଇଛି। ଗତ ୪ମାସ ମଧ୍ୟରେ ଏହି ରାସ୍ତାରେ ପଡ଼ି ପ୍ରାୟ ୭ ଜଣ ଆହତ ହୋଇଛନ୍ତି। ଏହି ରାସ୍ତାର ଆଲୋକୀକରଣ ସହ ପ୍ରଶସ୍ତୀକରଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ବିଷାକ୍ତ ସାପ କାମୁଡ଼ାରେ ଭାଇଭଉଣୀ ମୃତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବିଷାକ୍ତ ସାପ କାମୁଡ଼ାରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଘଟଣା ବଲାଙ୍ଗୀର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ଜାମପଦର ଗାଁରେ ଘଟିଛି। ମୃତକ ହେଲେ ବିକାଶ ସାଗରଙ୍କ ନାବାଳକ ପୁଅ ଭାବଗ୍ରାହୀ ସାଗର ଓ ଝିଅ ମନିକା ସାଗର। ରାତିରେ ପିଲା ଦୁଇଟି ଖାଇପିଇ ବାପାମା'ଙ୍କ ପାଖରେ ଶୋଇଥିଲେ। ବିଳମ୍ବିତ ରାତିରେ ପିଲା ଦୁଇଟି ଅସୁସ୍ଥ ହୋଇ ପଡ଼ିଥିଲେ। ଦୁଇଜଣଙ୍କ ମୁହଁରୁ ଫେଣ ବାହାରିଥିଲା। ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ସଇଁତଳା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ



ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ପିଲାଙ୍କ ମୃତ୍ୟୁ ଯୋଗୁ ପରିବାର ତଥା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବାଳିକା ଅପହରଣ ମାମଲା ଠାବ କରିବାରେ ପୁଲିସ ବିଫଳ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ଗତ ଜୁଲାଇ ୯ତାରିଖ କୁଆଖିଆ ଥାନା ଅନ୍ତର୍ଗତ ପାଞ୍ଚଗୋଛିଆ ଗ୍ରାମରୁ ଜଣେ ନାବାଳିକାକୁ ଅପହରଣ କରିବାର ୧୫ ଦିନ ବିତିଯାଇଥିଲେ ବି ପୁଲିସ ହାତବାନ୍ଧି ବସିଛି। ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ନା ବାଳିକାର ପରିବାର ନୟାନ୍ତ ହେବା ପରେ ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ନାବାଳିକା ଉଦ୍ଧାର ଓ ଅପହରଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଛନ୍ତି। ପ୍ରକାଶ ଯେ କୁଆଖିଆ ଥାନା ପାଞ୍ଚଗୋଛିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ନାବାଳିକ କନ୍ୟା (୧୭)କୁ ନିକଟସ୍ଥ ମିର୍ଜାପୁର ଗ୍ରାମର ଭଗବାନ ମଲିକଙ୍କ ପୁଅ ସ୍ମୃତିରଂଜନ ଗତ ଜୁଲାଇ ୯ ତାରିଖ ରାତ୍ରୀରେ ଅପହରଣ କରିନେଇଥିଲା। ଏନେଇ ପ୍ରଶାନ୍ତ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ଏକ ମାମଲା ୩୦୮/୨୪ ରୁଜୁ କରାଯାଇଛି। ହେଲେ ଘଟଣାର ୧୫ ଦିନ ବିତିଯାଇଥିଲେ ବି ପୁଲିସ ସେମାନଙ୍କୁ ଠାବ କରିବାରେ ବିଫଳ ହୋଇଛି।

# କ୍ୟାପିଟାଲ ହସ୍ପିଟାଲରେ ଚର୍ମରୋଗ ବିଭାଗର ପୁନରୁଦ୍ଧାର ହେଉନି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କ୍ୟାପିଟାଲ ହସ୍ପିଟାଲ ପିଜିଆଇରେ ପରିଣତ ହେବା ପରେ କ୍ୟାପିଟାଲ ହସ୍ପିଟାଲକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ରୋଗୀ ଆସୁଛନ୍ତି। ଦୈନିକ ୪ ହଜାର ରୋଗୀ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ହସ୍ପିଟାଲର ବିଭିନ୍ନ ବିଭାଗର ବିକାଶ କରାଯାଉଛି। ସବୁ ୧୮ ବିଭାଗରେ ପିଜି ଖୋଲିବାକୁ ଯୋଜନା କରାଯାଉଛି। ତେଣୁ ବିଭିନ୍ନ ବିଭାଗର ବିକାଶ କରାଯାଉଛି। କିନ୍ତୁ ସେହି ତୁଳନାରେ ଚର୍ମରୋଗ ବିଭାଗ ବହୁପଛରେ ପଡ଼ିଯାଇଛି। ବିଭାଗକୁ ରୋଗୀ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଡାକ୍ତର ଅଭାବ ସହ ଜଟିଳ ଚର୍ମରୋଗର ଚିକିତ୍ସା କରାଯାଉନାହିଁ। ନିରାମୟରେ ଚର୍ମରୋଗୀଙ୍କ ପାଇଁ ସୀମିତ ଔଷଧ ମିଳୁଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନାନୁସାରେ ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ରାଜଧାନୀରେ ଜଳବାୟୁ ପରିବର୍ତ୍ତନ ଓ ଦୂଷିତ ଜଳ ପାଇଁ ଚର୍ମରୋଗୀଙ୍କ ସଂଖ୍ୟା ଖୁବ୍ ବୃଦ୍ଧି ପାଉଛି। ତେଣୁ ଦିନକୁ ଦିନ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଚର୍ମରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଚର୍ମରୋଗ ବିଭାଗକୁ ଦିନକୁ ୩୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କିନ୍ତୁ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ ଡାକ୍ତର ନାହାନ୍ତି। ମାତ୍ର ୪ ଜଣ ଡାକ୍ତରରେ ବିଭାଗରେ ଚାଲିଛି। ଏତିକି ଡାକ୍ତର ପୁଣି ଚର୍ମରୋଗ ବିଭାଗର ବହିର୍ବିଭାଗରେ ଚିକିତ୍ସା କରିବା ସହିତ ଜରୁରୀକାଳୀନ ବିଭାଗରେ ମଧ୍ୟ ଚିକିତ୍ସା କରୁଛନ୍ତି। ଫଳରେ ବିଭାଗରେ ଡାକ୍ତର ଅଭାବ ପରିଲକ୍ଷିତ ହେଉଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଡାକ୍ତରମାନେ ସରକାରୀ ଛୁଟି ନେଉଛନ୍ତି। ଗୋଟିଏ ଗୋଟିଏ ମାସରେ ପ୍ରାୟ ୯ଟି ଛୁଟି ନେଉଛନ୍ତି। ତେଣୁ ବିଭିନ୍ନ ସମୟରେ ଜଣେ ଡାକ୍ତର ରୋଗୀ ଚିକିତ୍ସା କରୁଛନ୍ତି। ସାଢ଼େ ୧୧ଟା ପରେ କେହି ଟିକଟ କାଟି ଆସିଲେ ତାଙ୍କୁ ଅପରାହ୍ନରେ ଆସିବାକୁ କୁହାଯାଉଛି। ଧାଡ଼ି ଲମ୍ବୁଥିବାରୁ ଏହାକୁ ନେଇ ବିଭାଗ ବାହାରେ ରୋଗୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଉଛି। କେହି କେହି ଡାକ୍ତରଙ୍କୁ ନ ଦେଖାଇ ପଳାଉଛନ୍ତି। ମାନସ ବେହେରା ନାମରେ ଜଣେ ରୋଗୀ କହିଛନ୍ତି ଯେ ବ୍ରଣ ବଢୁଥିବାରୁ ସେ ଚର୍ମରୋଗ ବିଭାଗକୁ ଆସିଛନ୍ତି। ସେ ଧାଡ଼ିରେ ଛିଡ଼ା ହୋଇ ଟିକେଟ କଲେ। ବିଭାଗର ମଧ୍ୟାହ୍ନ ଭୋଜନବିରତି ହେବାକୁ ଆହୁରି ଏକଘଣ୍ଟା ସମୟ ବାକି ଥିଲା। କିନ୍ତୁ ସୁରକ୍ଷାକର୍ମୀ ୨ଟା ପରେ ଆସିବାକୁ କହିଲେ। ସାମାନ୍ୟ ବ୍ରଣ ପାଇଁ ପୁଣି କିଏ ଆସି ଧାଡ଼ି କରିବ। ତା ଅପେକ୍ଷା ବାହାରୁ ଦୋକାନରୁ ମେଡିସିନ ଖାଇଦେଲେ ଭଲ ହୋଇଯିବ କହି ସେ ଆଉ ଦେଖାଇଲେ ନାହିଁ। କେବଳ ଯେ ଡାକ୍ତରର ଅଭାବ ତାହା ନୁହେଁ ବିଭାଗରେ କେବଳ ଓପିଡି ଚାଲୁଥିବା କିଛି ରୋଗୀ ଅଭିଯୋଗ କରିଛନ୍ତି। ସାମାନ୍ୟ କସମେଟିକ୍ ସର୍ଜରୀ ମଧ୍ୟ କରାଯାଉନାହିଁ। ବ୍ରଣ କିମ୍ବା ଅନ୍ୟ କିଛି ସାମାନ୍ୟ ରୋଗ ହେଲେ ସର୍ଜରୀ ବିଭାଗକୁ ପଠାଇ ଦେଉଛନ୍ତି। ମେଡିସିନ ଯାହା ଲେଖୁଛନ୍ତି ସେ ସବୁ କାମ କରୁ ନାହିଁ। ଚର୍ମର ଯେଉଁ ରୋଗ ପାଇଁ ଆସିଲେ ମଧ୍ୟ ୪ରୁ ୫ଟି, ଲୋସନ ଆଉ ବଟିକା ଲେଖୁଛନ୍ତି। ତାହା ପୁଣି ସବୁ ରୋଗ ପାଇଁ ସମାନ। ନିରାମୟରେ ଆଉ କିଛି ଚର୍ମ ରୋଗ ପାଇଁ ମେଡିସିନ ନାହିଁ। ସରକାରଙ୍କ ତରଫରୁ ଯାହା ଆସୁଛି ତାହା ଦିଆଯାଉଛି ବୋଲି କହୁଛନ୍ତି। ଅଧିକ ଜଟିଳ ରୋଗ ହେଲେ କଟକ କିମ୍ବା ଏମ୍ସ ପଠାଇ ଦିଆଯାଉଛି। ତେଣୁ ଏଠାକୁ ଆସିବାକୁ ଭରସା ପାଉନି। ଘରୋଇ ହସ୍ପିଟାଲରେ କିମ୍ବା କ୍ଲିନିକରେ ଦେଖାଇଲେ ଶୀଘ୍ର ଭଲ ହେଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି ଯେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଅଭାବ ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି। ନିରାମୟକୁ ଯାହା ମେଡିସିନ, ଆସୁଛି ସେୟା ହିଁ ଡାକ୍ତର ଲେଖିବେ। ବାହାର ମେଡିସିନ ଲେଖିବା ନିୟମ ନାହିଁ।

30 YEARS
ସମ୍ବାଦ କଳିକା

# ୭.୩ % ହାରରେ ବଢିବ ଭାରତୀୟ ଅର୍ଥବ୍ୟବସ୍ଥା

ଚଳିତ ବର୍ଷ ଖନନ, ବିନିର୍ମାଣ ଓ ସେବା କ୍ଷେତ୍ରରେ ଉତ୍ସାହଜନକ ପ୍ରଦର୍ଶନ କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥାର ବୃଦ୍ଧିହାର ୭.୩ ପ୍ରତିଶତ ରହିପାରେ, ଯାହା ଗୋଟିଏ ବର୍ଷ ପୂର୍ବେ ଏହା ୭.୨ ପ୍ରତିଶତ ରହିଥିଲା। ଶୁକ୍ରବାର ଜାରି ଏକ ସରକାରୀ ତଥ୍ୟରେ ଏହି ପୂର୍ବାନୁମାନ କରାଯାଇଛି। ଏହି ପୂର୍ବାନୁମାନ ନିଶ୍ଚିତ ରୂପେ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ଶୁଭ ସଙ୍କେତ।

ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଜାତୀୟ ଆୟର ରିପୋର୍ଟ ଆସିବା ପୂର୍ବରୁ ପୂର୍ବାନୁମାନ ଜାରି କରିଛି। ଏଥିରେ ଉଲ୍ଲେଖ ରହିଛି ଯେ, ଆର୍ଥିକ ବର୍ଷ ୨୦୨୩-୨୪ରେ ବିନିର୍ମାଣ କ୍ଷେତ୍ରର ଉତ୍ପାଦନ ଗତ ଆର୍ଥିକ ବର୍ଷର ୧.୩ ପ୍ରତିଶତ ତୁଳନାରେ ୬.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଖନନ କ୍ଷେତ୍ରରେ ବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୮.୧ ପ୍ରତିଶତ ରହିପାରେ ଯାହା ୨୦୨୨-୨୩ରେ ୪.୧ ପ୍ରତିଶତ ରହିଥିଲା।

ବିତ୍ତୀୟ ସେବା, ରିଏଲ ଏଷ୍ଟେଟ୍ ଓ ପେଶାଦାର ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୮.୯ ପ୍ରତିଶତ ରହିବାର ପୂର୍ବାନୁମାନ କରାଯାଇଛି, ଯାହା ଆର୍ଥିକ ବର୍ଷ ୨୦୨୨-୨୩ରେ ୭.୧ ପ୍ରତିଶତ ରହିଥିଲା। ଏନଏସଓର ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୩-୨୪ ସମୟରେ ବାସ୍ତବିକ ଜିଡିପିର ବୃଦ୍ଧିହାର ୭.୩ ପ୍ରତିଶତ ରହିବ। ଗତ ଆର୍ଥିକ ବର୍ଷରେ ଏହା ୭.୨ ପ୍ରତିଶତ ରହିଥିଲା।

ଏନଏସଓ ଅନୁଯାୟୀ, ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ୨୦୨୩-୨୪ ଶେଷ ଆଡ଼କୁ ୨୯୬.୫୮ ଲକ୍ଷ କୋଟି ଅର୍ଥାତ ୩.୫୭ ଲକ୍ଷ କୋଟି ଡଲାର ରହିବ ବୋଲି ଆକଳନ କରାଯାଇଛି। ଏହିପରି ବ୍ୟବସାୟ, ହୋଟେଲ୍, ପରିବହନ, ସଞ୍ଚାର ଓ ପ୍ରସାରଣ କ୍ଷେତ୍ରରେ ବୃଦ୍ଧିହାର ଗତ ବର୍ଷର ୧୪ ପ୍ରତିଶତରୁ ହ୍ରାସ ପାଇ ୬.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ପୃଥିବୀ ପୃଷ୍ଠରେ ସୌଖିନ ବସ୍ତ୍ର ଶିଳ୍ପ ଜନିତ ପ୍ରଦୂଷଣ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ମନୁଷ୍ୟ ପୃଥିବୀର ଶ୍ରେଷ୍ଠ ପ୍ରାଣୀ, ମନୁଷ୍ୟ ଆଜି ନିଜ ବୁଦ୍ଧି ବଳରେ ସବୁକିଛି କରିପାରୁଛି । ମନୁଷ୍ୟ ଜୀବନ ଧାରଣ କରିବା ପାଇଁ ସର୍ବନିମ୍ନ ତିନୋଟି ଜିନିଷ ଦରକାର ତାହା ହେଲା ଖାଦ୍ୟ, ବସ୍ତ୍ର ଏବଂ ବାସସ୍ଥାନ ଏହାଛଡା ଉତ୍ତମ ପରିବେଶ, ଶ୍ୱାସ ପ୍ରଶ୍ୱାସ ନିମନ୍ତେ ନିର୍ମଳ ବାୟୁ , ବିଶୁଦ୍ଧ ପାନୀୟ ଜଳର ମଧ୍ୟ ଆବଶ୍ୟକତା ରହିଅଛି । ଏହିସବୁ ଜିନିଷ ପ୍ରାପ୍ତି ପରେ ମଧ୍ୟ ମନୁଷ୍ୟର ଚାହିଦା ଦିନକୁ ଦିନ ବଢି ଯାଉଛି ଯାହାର କି କୌଣସି ସୀମା ନାହିଁ, ଆକାଶ ଛୁଇଁ ପାରୁଥିବା ଅସୀମ ଆଶା, ଏବଂ ଇପ୍ସିତ ବସ୍ତୁର ପ୍ରାପ୍ତିରେ କ୍ଷଣସ୍ଥାୟୀ ଆନନ୍ଦ ସହିତ ନ'ପାଇବାର କ୍ଷୋଭ ସମୟ ସମୟରେ କିଛି ବ୍ୟକ୍ତିଙ୍କ ଠାରେ ଘାତକ ସାଜି ବାର ମଧ୍ୟ ନଜିର ଅଛି । ନିଜର ଧନ ସମ୍ପତ୍ତି, ପ୍ରତିପତ୍ତି, ଅହଂକାର , ଗର୍ବ , ମିଥ୍ୟା ଆଭିଜାତ୍ୟ ପାଇଁ ପ୍ରତ୍ୟକ୍ଷରେ ନହେଲେ ମଧ୍ୟ ପରୋକ୍ଷ ରେ ଆମେ ସମାଜର କ୍ଷତି ସହିତ ଦେଶର କ୍ଷତି କରି ଚାଲିଛୁ । ବଙ୍ଗଳା ଦେଶର ଫ୍ୟାସନ ଇଣ୍ଡଷ୍ଟ୍ରି ବିଷୟ ରେ ପ୍ରାୟ ସମସ୍ତେ ଅଳ୍ପ ବହୁତ ଜ୍ଞାତ । ଉକ୍ତ ବିଷୟକୁ ପ୍ରାଞ୍ଜଳ ଭାବେ ଅନ୍ୟ ଏକ ସନ୍ଦର୍ଭ ରେ ଆଲୋକ ପାତ କରିଥିଲି , ବର୍ତ୍ତମାନ୍ 'ହାଓ ଫ୍ୟାସନ ଇଣ୍ଡଷ୍ଟ୍ରି କିଲିଂ ଦି ୱାର୍ଲଡ' ବିଷୟରେ ବିଭିନ୍ନ ସ୍ଥାନରୁ ସଂଗୃହିତ ତଥ୍ୟରୁ ଆଧୁନିକ ବସ୍ତ୍ର କିପରି ଆମ ପାଇଁ ତଥା ପୃଥିବୀ ପାଇଁ ଘାତକ ସାଜିଛି ତାହା ଉପରେ କିଛି ଆଲୋଚନା କରିବା । ଦକ୍ଷିଣ ଆମେରିକା ମହାଦେଶର 'ଚିଲି' ଏକ ଦେଶ ଯାହାର ରାଜଧାନୀ ସାଣ୍ଟିଆଗୋ । ଏହି ଦେଶର ବଡ଼ ମରୁଭୂମିର ନାମ ଆଟାକାମା ଏହା ୧,୦୫,୦୦୦ (ଏକ ଲକ୍ଷ ପାଞ୍ଚ ହଜାର) ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ , ଏଠାରେ ପ୍ରତିବର୍ଷ ଏତେ ସଂଖ୍ୟାରେ ଅବ୍ୟବହୃତ ବସ୍ତ୍ର ଫିଙ୍ଗା ଯାଇଥାଏ ଯେ, ଦୂରରୁ ସେଗୁଡିକ ରଙ୍ଗ ବେରଙ୍ଗର ପାହାଡ଼ ପରି ପ୍ରତୀୟମାନ ହୁଏ । ଆକଳନରୁ ଜଣାପଡେ ଯେ, ସେଠାରେ ପ୍ରାୟ ୬୦ ହଜାର ମେଟ୍ରିକ ଟନ୍ ଓଜନର ବସ୍ତ୍ର ଜମା ହୋଇ ରହିଛି , ଉପଗ୍ରହ ଚିତ୍ରରୁ ମଧ୍ୟ ସେଗୁଡିକ ସ୍ପଷ୍ଟ ଜଣା ପଡିଥାଏ , ଠିକ୍ ସେହିପରି ଉପଗ୍ରହରୁ ଜାଣି ହେଉଥିବା ଆଉ ଏକ ଚିତ୍ର ଆଫ୍ରିକା ମହାଦେଶର ପୂର୍ବରେ ଅବସ୍ଥିତ କେନିଆ ଦେଶରେ ଦେଖିବାକୁ ମିଳେ । ତେବେ କଥା ହେଉଛି ଏହି ପୋଷାକ ପତ୍ର କାହିଁକି ଏପରି ଭାବେ ଫିଙ୍ଗି ଦିଆ ଯାଇଛି ? ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଫିଙ୍ଗା ଯାଇଥିବା ବସ୍ତ୍ର ଗୁଡିକ ପୁରୁଣା କିମ୍ବା ଚିରା ଫଟା ନୁହେଁ, ସେଗୁଡିକ ସବୁ ଅରଖ ନୂଆ ପୋଷାକ, କଥାଟା ଶୁଣି ହୁଏତ ଅନେକେ ଆଶ୍ଚର୍ଯ୍ୟ ହେଉଥିବେ କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ । ଆଧୁନିକ ଫ୍ୟାସନ୍ ବସ୍ତ୍ର ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରି ହୋଇ ନ ପାରିବା ହେତୁ ଉତ୍ପାଦନକାରୀ ସଂସ୍ଥା ସେଗୁଡିକୁ ବିଭିନ୍ନ ବିକ୍ରି ସ୍ଥାନରୁ ଫେରସ୍ତ ନେଇ ଆସନ୍ତି ଏବଂ ସେଗୁଡିକୁ ଡମ୍ପିଂୟାର୍ଡ଼ରେ ଫିଙ୍ଗି ଦିଅନ୍ତି । ଏହାର କାରଣ ବଡ଼ ବିଚିତ୍ର ଏବଂ ଚିନ୍ତା ଜନକ ବିଷୟ ଯାହାକି ଅଧିକାଂଶ ବ୍ୟକ୍ତି ବିଶେଷ ଜାଣି ନାହାନ୍ତି । ମନରେ ପ୍ରଶ୍ନ ଉଠୁଛି ପୃଥିବୀରେ ଅନେକ ଗରିବ ଅଛନ୍ତି ଯେଉଁମାନେ କି ଛିଣ୍ଡା ଫଟା ପୋଷାକ ପିନ୍ଧି ଜୀବନ ବିତାଉଛନ୍ତି ସେମାନଙ୍କୁ ଏହି ପୋଷାକ ସବୁ ଦାନ ଆକାରରେ ନ'ଦେଇ ଡମ୍ପିଂୟାର୍ଡ଼ରେ କାହିଁକି ନଷ୍ଟ କରି ଦିଆ ଯାଉଛି ? ପିଲାଦିନେ ଶୁଣିଥିଲି ଯୁକ୍ତରାଷ୍ଟ୍ର ଆମେରିକାରେ ଆମଦାନୀ ହେଉଥିବା ଗହମ ଯଦି ନିଜ ଚାହିଦା ଠାରୁ ଅଧିକ ଉତ୍ପାଦନ ହେଉଥିଲା ତେବେ ସରକାର ସେସବୁ ଗହମକୁ ସମୁଦ୍ରରେ ପକାଇ ଦେଉଥିଲେ କିନ୍ତୁ କୌଣସି ଗରିବ ରାଷ୍ଟ୍ରକୁ ମାଗଣାରେ ଦେଉ ନଥିଲେ ଠିକ୍ ସେହି ପରି କିଛିଟା ବସ୍ତ୍ର ଶିଳ୍ପ କ୍ଷେତ୍ରରେ ହୋଇଛି । ଚାହିଦା ଠାରୁ ଉତ୍ପାଦନ ବଢିଲେ ନିଶ୍ଚିତ ଭାବେ ଉତ୍ପାଦିତ ଦ୍ରବ୍ୟର ବିକ୍ରି ମୂଲ୍ୟ କମିବ ଠିକ୍ ଓଲଟା ଉତ୍ପାଦନ ଠାରୁ ଚାହିଦା ବଢିଲେ ଦର ବଢ଼ି ଯିବ । ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ନୂତନ ସୌଖିନ ବସ୍ତ୍ର ଗୁଡିକ ପୃଥିବୀର ଖୁବ୍ ନାମୀ ଦାମୀ ବ୍ରାଣ୍ଡେଡ୍ କମ୍ପାନୀ ମାନେ ପରସ୍ପର ସହିତ ପ୍ରତିଯୋଗିତା କରି ବଜାରକୁ ନିଜର ଆଧୁନିକ ବସ୍ତ୍ର ଗୁଡିକ ଛାଡ଼ି ଥା'ନ୍ତି ଏହାକୁ ଫାଷ୍ଟ ଫ୍ୟାସନ୍ କୁହାଯାଏ । ତେବେ ଏହି ଫାଷ୍ଟ ଫ୍ୟାସନ୍ କଣ ? ଯାହା ଖୁବ୍ ଶୀଘ୍ର ବଜାରକୁ ଆସେ ଏବଂ ଖୁବ୍ ଶୀଘ୍ର ବଜାରରୁ ଉଭେଇ ଯାଏ, ଇଉଜ୍ ଆଣ୍ଡ ଥ୍ରୋ ଜାତୀୟ । ବର୍ତ୍ତମାନ ( ୨୦୨୦ ମସିହା ସୁଦ୍ଧା ) ପୃଥିବୀରେ ୨.୫ ଟ୍ରିଲିଆନ୍ ଆମେରିକୀୟ ଡ଼ଲାର ମୂଲ୍ୟରର ବସ୍ତ୍ର ବ୍ୟବସାୟ ହୋଇଛି, ତେବେ ୨.୫ ଟ୍ରିଲିଆନ୍ ଆମେରିକୀୟ ଡ଼ଲାର କହିଲେ ଭାରତୀୟ ଟଙ୍କାରେ ଧରି ନିଅନ୍ତୁ ୨୦, ୮୭, ୩୮, ୧୨, ୫୦, ୦୦, ୦୦୦ ଟଙ୍କା । ଏହାର ଇତିହାସ ଯଦି ଖୋଜିବା ତେବେ ଫ୍ୟାସନ୍ ଇଣ୍ଡଷ୍ଟ୍ରିଜ୍ ୧୯୦୦ ମସିହା ରେ ୧୦୦ ବିଲିୟନ୍ ଡ଼ଲାର ମୂଲ୍ୟର ବ୍ୟବସାୟରେ ସୀମିତ ଥିବା ସମୟରେ ୧୯୫୦ ମସିହାରେ ୨୫୦ ବିଲିୟନ୍ ଡ଼ଲାର ମୂଲ୍ୟର ୨୦୦୦ ମସିହାରେ ୧ ଟ୍ରିଲିୟନ୍ ଡ଼ଲାର , ୨୦୧୦ ମସିହାରେ ୧.୫ ଟ୍ରିଲିୟନ୍ ଡ଼ଲାର, ୨୦୨୦ ମସିହାରେ ୨.୫ ଟ୍ରିଲିଆନ୍ ଡ଼ଲାର ମୂଲ୍ୟର ବ୍ୟବସାୟ କରିଛି ଏବଂ ଆଶା କରା ଯାଉଛି କି ୨୦୨୫ ମସିହା ବେଳକୁ ଏହି ବ୍ୟବସାୟ ୩.୩ ଟ୍ରିଲିୟନ୍ ଡ଼ଲାର ମୂଲ୍ୟରେ ପହଞ୍ଚି ଯାଇଥିବ । ଏଥିରୁ ଅନୁମାନ କରାଯାଏ ଯେ ୨୦୦୦ ମସିହାରୁ ୨୦୨୫ ଭିତରେ ଏହି ବ୍ୟବସାୟ ପ୍ରାୟ ୨୨୦ ରୁ ୨୩୦ ପ୍ରତିଶତ ବଢି ଯାଇଥିବା । ତେବେ ଏହି ଚାହିଦା ବଢିବା ନିମନ୍ତେ ଅନ୍ତଃରାଷ୍ଟ୍ରୀୟ ନାମୀ ଦାମୀ ନିର୍ମାତା ମାନଙ୍କର ଅକ୍ଳାନ୍ତ ପରିଶ୍ରମ, ବହୁଳ ବିଜ୍ଞାପନ, ବିଭିନ୍ନ ଡିଜାଇନର୍ ମାନଙ୍କ ନୂତନ ଡିଜାଇନ୍‌ର ଫ୍ୟାସନ୍ ଶୋ, ନାମୀ ଦାମୀ ମଡେଲ୍ ମାନଙ୍କୁ ନେଇ ନିଜ ଉତ୍ପାଦିତ ସାମଗ୍ରୀ ର ପ୍ରଚାର ପ୍ରସାର କ୍ୟାଟ୍ ୱାକ୍(ଉବସ୍ତ ଉବକ୍ଷଳ) ବର୍ଷ ସାରା କେଉଁଠି ନା କେଉଁଠି ଚାଲି ଥାଏ, ଯାହାକି ବ୍ୟବସାୟ ବଢାଇବାର ଏକ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଗରୁ ଅର୍ଥାତ ୧୯୮୦ ମସିହା ପର୍ଯ୍ୟନ୍ତ ବସନ୍ତ, ଗ୍ରୀଷ୍ମ , ଶରତ ଏବଂ ଶୀତ ଋତୁ ପାଇଁ ଅଲଗା ଅଲଗା ଡିଜାଇନ୍‌ର ପୋଷାକ ଲୋକଙ୍କ ଚାହିଦାକୁ ନେଇ ପ୍ରସ୍ତୁତି ତଥା ବିକ୍ରି ହେଉ ଥିଲା କିନ୍ତୁ ସମୟ ବଦଳିବା ସହିତ କ୍ରେତା ମାନଙ୍କର ଆଗ୍ରହକୁ ଦେଖି ପୋଷାକ ନିର୍ମାତା ମାନେ ନିଜର ଦୂରଦୃଷ୍ଟି ଖଟାଇ ୧୯୯୦ ମସିହା ବେଳକୁ ପ୍ରାୟ ତିନି ମାସକୁ ଥରେ ନୂତନ ଷ୍ଟକ, ନୂତନ ଡିଜାଇନ୍ କୁ ଧରି ବଜାର ପ୍ରବେଶ କରୁଥିଲା ଏବଂ ଲୋକଙ୍କର ଆଗ୍ରହ ମଧ୍ୟ ନୂତନ ଜିନିଷ ପ୍ରତି ବଢି ବଢି ଯାଉଥିଲା । କଥାରେ ଅଛି ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ ଏହି ଉଦାହରଣର ତାତ୍ପର୍ଯ୍ୟ ହେଲା ଯେ, ଉତ୍ପାଦନ କାରୀ ମାନେ ତିନିମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆଉ ପସନ୍ଦ କରିଲେ ନାହିଁ, ସେମାନେ ପ୍ରତି ମାସରେ କିଛି ନା କିଛି ନୂତନ ଡିଜାଇନ୍‌ର ପୋଷାକ ପ୍ରତିଯୋଗିତା ମୂଳକ ଭାବେ ବଜାରକୁ ପ୍ରବେଶ କରାଇଲେ । ଏଠାରେ ଅର୍ଥ ନୀତି କହୁଛି ଚାହିଦା ଆଧାରରେ ଉତ୍ପାଦନକୁ ତ୍ୱରାନ୍ୱିତ କିମ୍ବା ମନ୍ଥର କରିବାକୁ ଉତ୍ପାଦକ ମାନଙ୍କୁ ସଙ୍କେତ ଦେବାରେ ମୂଲ୍ୟ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ , ଉଚ୍ଚ ମୂଲ୍ୟ ଉଚ୍ଚ ଚାହିଦା ସୂଚାଉ ଥିବା ବେଳେ କମ୍ ମୂଲ୍ୟ କମ୍ ଚାହିଦା ସୂଚାଇ ଥାଏ, ସମୟ ସମୟରେ ଏହାର ଓଲଟା ପ୍ରଭାବ ମଧ୍ୟ ପଡିଥାଏ । ତଥାପି ମୂଲ୍ୟ ଏବଂ ଉତ୍ପାଦନ ମଧ୍ୟରେ ସମ୍ପର୍କ ସର୍ବଦା ସରଳ ନୁହେଁ । ତେଣୁ ଏହି ସବୁ ବିଷୟ ପ୍ରତି ଦୃଷ୍ଟି ଦେଇ ଉତ୍ପାଦକ ମାନେ ଆଗକୁ ବଢିବା ଉଚିତ । ତାହା ଛଡା କ୍ରେତାଙ୍କ କ୍ରୟ ଶକ୍ତି କେତେ ? ବଜାର ଚାହିଦା କେତେ ? କଞ୍ଚାମାଲ କ୍ରୟ ମୂଲ୍ୟ କେତେ ? ଉତ୍ପାଦନ ଖର୍ଚ୍ଚ କେତେ ? ବିଜ୍ଞାପନ ବାବଦକୁ ଖର୍ଚ୍ଚ କେତେ ? ପରିବହନ ଖର୍ଚ୍ଚ କେତେ ? କମିଶନ୍ ବା ଦଲାଲି ଖର୍ଚ୍ଚ କେତେ ? ଖୁଚୁରା ବ୍ୟବସାୟୀଙ୍କ ପାଇଁ ଲାଭ କେତେ ? ସରକାରୀ ଟିକସ କେତେ ? ଇତ୍ୟାଦିକୁ ନଜରରେ ରଖି ଉତ୍ପାଦନକାରୀ ଖୁବ ଦକ୍ଷ କଷ୍ଟ ଆକାଉଣ୍ଟାଣ୍ଟ ମାନଙ୍କ ଦ୍ୱାରା ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି । ଅତ୍ୟଧିକ ଲାଭ ଆଶା ରଖି ବଜାରକୁ ଅକ୍ତିଆର କରିବାକୁ ଚାହୁଁଥିବା ଉତ୍ପାଦକ ଯେତେ ଭଲ ବ୍ରାଣ୍ଡର ବସ୍ତ୍ର ହେଲେ ମଧ୍ୟ ଉତ୍ପାଦନର ୭୦ ପ୍ରତିଶତ ବିକ୍ରି କରିବାକୁ ନାକେଦମ୍ ହୋଇ ଯା'ନ୍ତି । ନୂତନ ଷ୍ଟକ ବଜାରକୁ ପ୍ରବେଶ କରିବା ପୂର୍ବରୁ ପୁରାତନ ଷ୍ଟକ ( ଯାହାକି ଗତ ମାସର ଷ୍ଟକ ) ବାହାରି ଯାଏ ଏବଂ ଶେଷରେ ଡମ୍ପିଂ ୟାର୍ଡ଼କୁ ଚାଲିଯାଏ । ପୃଥିବୀ ପୃଷ୍ଠରେ ଏହାରକୁ ପ୍ରଭାବ କିପରି ପଡେ ? ଏହି ବିଷୟ ଜାଣିବାକୁ ହେଲେ ଆମେ ବସ୍ତ୍ର ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା କଞ୍ଚାମାଲ ବିଷୟରେ କିଛି ଜାଣିବା । ବସ୍ତ୍ର ଶିଳ୍ପ ପାଇଁ ସାଧାରଣତଃ କପା, ପଶମ, ରେଶମ, ନାଇଲନ୍, ଫ୍ଲେକ୍ସ, ପଲିଷ୍ଟାର ଇତ୍ୟାଦି କଞ୍ଚା ମାଲ୍‌ର ଆବଶ୍ୟକତା ଥାଏ, ଏହାଛଡା ଅନେକ ପ୍ରକାର ରଙ୍ଗ , ରାସାୟନିକ ପଦାର୍ଥ, ବ୍ଲିଚିଙ୍ଗ ବ୍ୟବହାର ହୋଇ କପଡା ତିଆରି ହୁଏ । ଏହା ପରେ ସେହି କପଡ଼ାକୁ ବିଭିନ୍ନ ରୂପ ଦେଇ ଆଧୁନିକ ବସ୍ତ୍ର ତିଆରି କରାଯାଏ । ଏହି ସବୁ କାର୍ଯ୍ୟ କରିବା ପାଇଁ ପ୍ରଚୁର ଜଳର ଆବଶ୍ୟକତା ରହି ଥାଏ, କପା ଚାଷ ପାଇଁ ମଧ୍ୟ ଅତ୍ୟଧିକ ଜଳର ଆବଶ୍ୟକତା ପଡେ , କପାକୁ ବିଭିନ୍ନ ପ୍ରକାର ପ୍ରସେସିଂ ଦ୍ୱାରା ସୁତା ବାହାର କରିବା ବ୍ଲିଚିଙ୍ଗ ତଥା ଅନ୍ୟ ରାସାୟନିକ ପଦାର୍ଥ ଦ୍ୱାରା ସଫା କରିବା ରଙ୍ଗ ବେରଙ୍ଗ କରିବା ନିମନ୍ତେ ପ୍ରଚୁର ଜଳର ଆବଶ୍ୟକତା ପଡେ । ପଲିଷ୍ଟାର୍ ପୋଷାକ ଏକ ପ୍ରକାର ମନୁଷ୍ୟ ଦ୍ୱାରା ତିଆରି ଫାଇବର ସୁତା ଯାହାକି ଅଶୋଧିତ ତୈଳ ରୁ ଉତ୍ପାଦନ ହୁଏ , ଏହା ନଷ୍ଟ ହୋଇ ଗଲା ପରେ ବା ବିକ୍ରି ନ ହୋଇ ଡମ୍ପିଂ ହେଲେ ବା ଜଳାଇ ଦିଆ ଗଲେ ଏଥିରୁ ନିର୍ଗତ ଧୂଆଁ ପରିବେଶକୁ ଦୂଷିତ କରିଥାଏ । ଗୋଟିଏ ସୁତା ବସ୍ତ୍ର ଉତ୍ପାଦନ ପାଇଁ ହାର ହାରି ୨୦୦୦ ଲିଟରରୁ ମଧ୍ୟ ଅଧିକ ଜଳର ଆବଶ୍ୟକତା ପଡିଥାଏ ତେବେ ଅନୁମାନ କରନ୍ତୁ ତ ପ୍ରତିଦିନ ଉତ୍ପାଦନ ହେଉଥିବା ଲକ୍ଷ ଲକ୍ଷ ପୋଷାକ ପାଇଁ କେତେ ଜଳର ଆବଶ୍ୟକତା ଅଛି ? ଏହା ଛଡା ଉତ୍ପାଦନ ପରେ ଦୂଷିତ ଜଳ ନଦୀ , ନାଳ, ବଡ଼ ବଡ଼ ଗର୍ତ୍ତ ଏବଂ ସମୁଦ୍ର ବକ୍ଷରେ ଛାଡି ଦିଆ ଯାଏ । ଦୂଷିତ ଜଳ ପରିଷ୍କାର ଜଳ ସହିତ ମିଶି ପରିଷ୍କାର ଜଳକୁ ମଧ୍ୟ ଦୂଷିତ କରି ଥାଏ ଫଳରେ ସେହି ଜଳକୁ ପାନୀୟ ରୂପେ ବ୍ୟବହାର କରୁଥିବା ଜୀବ ଜଗତ ତଥା ଜଳଚର ପ୍ରାଣୀ ମାନେ ବିଭିନ୍ନ ପ୍ରକାର ରୋଗରେ ପଡି ଥା'ନ୍ତି , ଜଳର ନିମ୍ନ ଭାଗରେ ରାସାୟନିକ ପଦାର୍ଥର ଏକ ପ୍ରକାର ଆସ୍ତରଣ ବସିଯାଏ, ଫଳରେ ଜଳ ଭିତରେ ଥିବା ଉଦ୍ଭିଦ ମାନେ ଧୀରେ ଧୀରେ ମରି ଯାଇ ଥା'ନ୍ତି ଜଳରେ ମାଛ ତଥା ଅନ୍ୟ ଜଳଚର ପ୍ରାଣୀଙ୍କ ସଂଖ୍ୟା କମି କମି ନିଶ୍ଚିହ୍ନ ହୋଇଯାଏ । ଉଦାହରଣ ପାଇଁ ଆମେ ଯଦି ଆରାଲ୍ ସି ( ଯାହାକି କାଜାକ୍‌ସ୍ତାନ ଏବଂ ଉଜବେକ୍‌ସ୍ତାନ ମଧ୍ୟରେ ଅବସ୍ଥିତ ଏକ ବିରାଟ ହ୍ରଦ ଯାହାର କ୍ଷେତ୍ରଫଳ ୬୮,୦୦୦ ବର୍ଗ କିଲୋମିଟର )ଏହି ସାଗରଟି ୧୯୬୦ ମସିହାରୁ ଧୀରେ ଧୀରେ ସଂକୁଚିତ ହୋଇ ୨୦୧୦ ମସିହା ବେଳକୁ ସମ୍ପୂର୍ଣ୍ଣ ଶୁଖିଗଲା ଏହାର କାରଣ ହେଲା ଏହି ସାଗରକୁ ଯେଉଁ ନଦୀ ଜଳ ଯୋଗାଉ ଥିଲା ସେହି ନଦୀର ଗତିପଥ ବଦଳାଇ ଋଷ ସରକାର କପା ଚାଷୀଙ୍କ ପାଇଁ ଜଳ ଯୋଗାଇ ଦେଲେ । ଚାହିଦା ମୁତାବକ ଜଳ ପାଇ କପା ଚାଷ ତ' ଖୁବ୍ ଭଲ ହେଲା କିନ୍ତୁ ଆରାଲ୍ ସାଗର ଉପରେ ନିର୍ଭର କରିଥିବା ହଜାର ହଜାର ସଂଖ୍ୟାରେ ମନୁଷ୍ୟ ନିଜର ଜୀବିକା ହରାଇଲେ ଜଳ ସ୍ତର କମିଗଲା ତେଣୁ ସେମାନଙ୍କର ଜଳ ପୋତ ଗୁଡିକ ଶୁଖିଲା ବାଲୁକା ଉପରେ ପଡ଼ି ରହିଲା, ମାଛ ନ ମିଳିବାରୁ ଅନେକ ମାଛ ଚାଷୀ ଦୁର୍ଦ୍ଦିନ ଭିତରେ କାଳତିପାତ କଲେ । ସେହି ପରି ବଙ୍ଗଳା ଦେଶ ମଧ୍ୟରେ ଅନେକ ନଦୀ ପ୍ରବାହିତ ତନ୍ମଧ୍ୟରୁ ଅଧିକାଂଶ ନଦୀ ଜଳ ସଙ୍କଟ ଦେଇ ଗତି କରୁଛି ତିସ୍ତା ,ଯମୁନା, ପଦ୍ମା ପରି ନଦୀ ଜଳ ବିବାଦ ତଥା ଅତ୍ୟଧିକ ଜଳ ବସ୍ତ୍ର ଶିଳ୍ପ ପାଇଁ ବ୍ୟବହାର ହେଉ ଥିବାରୁ କୃଷି ତଥା ନୌ ବାଣିଜ୍ୟ କାରବାର ପାଇଁ ଗ୍ରୀଷ୍ମ ଦିନେ ଅଚଳାବସ୍ଥା ଜାରି ହେଉଛି, ତେଣେ ବସ୍ତ୍ର ଶିଳ୍ପ କ୍ଷେତ୍ରରେ ବାଂଲାଦେଶ ଭାରତକୁ ମଧ୍ୟ ଉତ୍ପାଦନରେ ଟପି ଯାଇଛି । ପୃଥିବୀରେ କପା ଉତ୍ପାଦନରେ ଚୀନ ପରେ ଭାରତର ସ୍ଥାନ , ବାଂଲାଦେଶ କଞ୍ଚାମାଲ ଚୀନ ଏବଂ ଭାରତରୁ ଆମଦାନୀ କରି ନିଜର ବୁଦ୍ଧି ବଳରେ ବସ୍ତ୍ର ଉତ୍ପାଦନ କ୍ଷେତ୍ର ରେ ଆଜି ଅଗ୍ରଣୀ ହୋଇ ପାରିଛି । ବିଭିନ୍ନ ଦେଶରେ କପଡା ଶିଳ୍ପ ରୁ ବାହାରୁ ଥିବା ଦୂଷିତ ବର୍ଜ୍ୟ ବସ୍ତୁ , ଡମ୍ପିଂ ପଦାର୍ଥ , ରାସାୟନିକ ଜଳ ଜନିତ ପଦାର୍ଥରୁ ଅନେକ ପରିମାଣରେ ପ୍ରଦୂଷଣ ବଢି ଥାଏ , ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା ବିଜୁଳି ଶକ୍ତି ଥର୍ମାଲ ପାଓ୍ୱାର ଷ୍ଟେସନ୍‌ରୁ ଆସେ ଏବଂ ଏଥି ପାଇଁ ହଜାର ହଜାର ମେଟ୍ରିକ ଟନ୍ କୋଇଲା ଜଳାଇ ବାକୁ ହୁଏ ପାଣିର ଚାହିଦା ମଧ୍ୟ ଥାଏ ତେବେ ଅନୁମାନ କରନ୍ତୁ କୋଇଲା ଧୂଆଁରୁ ବାୟୁ ମଣ୍ଡଳ କେତେ ପ୍ରଦୂଷିତ ହେଉଛି ? ଆମେ ମାନେ ଚାହିଁଲେ ଏହାର କିଛିଟା ସମାଧାନ କରି ପାରିବା ଯଥା ୧ – ଅତ୍ୟଧିକ ବସ୍ତ୍ର କିଣି ଆଲମିରା ଭର୍ତ୍ତି କରି ରଖିବା ଏବଂ କିଛିଦିନ ପରେ ଆଉଟ୍ ଡେଟେଡ୍ କହି ଫୋପାଡ଼ି ଦେବା ପରିବର୍ତ୍ତେ ଆବଶ୍ୟକତାକୁ ଦେଖି ପୋଷାକ ପତ୍ର କିଣିବା ବୁଦ୍ଧିମାନର କାର୍ଯ୍ୟ ହେବ । ୨ – ଗୋଟିଏ ଗୋଟିଏ ପୋଷାକକୁ କିଛି ଦିନ ଅନ୍ତରରେ ଏକାଧିକ ବାର ବ୍ୟବହାର କରିବା ଦ୍ୱାରା ନୂତନ ବସ୍ତ୍ର କିଣିବାରେ କିଛିଟା ରୋକ ଲାଗି ଥାଏ ତଥା ଆପଣଙ୍କ ଅର୍ଥ ମଧ୍ୟ ବଞ୍ଚି ଥାଏ । ୩– ଅବ୍ୟବହୃତ ପୋଷାକକୁ ଆବର୍ଜନାରେ ନ ଫିଙ୍ଗି କିଛି ଗରିବ / ଅନାଥାଶ୍ରମ କିମ୍ବା ପୁନଃ ବ୍ୟବହାର କରୁଥିବା ସଂସ୍ଥାକୁ ଦାନ ଦେଇ ପାରନ୍ତି । ୪ – ଆପଣ ବାର୍ଷିକ ବ୍ୟବହାର ପାଇଁ କିଣୁଥିବା ବସ୍ତ୍ରର ପରିମାଣ ଠାରୁ ଯଦି ବର୍ଷକୁ ୨ ଟି ବା ୩ ଟି ବସ୍ତ୍ର କମ୍ କିଣିବେ ତେବେ ହୁଏତ ଆପଣଙ୍କ ବିନ୍ଦୁ ବିନ୍ଦୁ ଜଳକୁ ନେଇ ସିନ୍ଧୁ ହୋଇ ପାଇବ ଏବଂ କିଛି ମାତ୍ରାରେ ପ୍ରଦୂଷଣ କମାଇ ବାରେ ଆପଣ ସହଯୋଗ କରୁଛନ୍ତି ବୋଲି ଆପଣଙ୍କର ମଧ୍ୟ ହୃଦ୍‌ବୋଧ ହେବ । କଥାରେ ଅଛି 'ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ ?' ନିଜକୁ ନିଜେ ପଚାରନ୍ତୁ ଏବଂ 'ମୁଁ ବାନ୍ଧିବି ' କହି କାର୍ଯ୍ୟ ଆରମ୍ଭ କଲେ କେମିତି ହେବ ? ଭାଇ, ଭଉଣୀ ମାନେ ବଡ଼ ଲୋକ, ପୁଞ୍ଜିପତି ମାନଙ୍କୁ ଅଧିକ ପୁଞ୍ଜିପତି ହେବାକୁ ଦେଇ ଆମେ ଆଜି ପ୍ରଦୂଷଣ ଜନିତ କଷ୍ଟ ଅନୁଭବ କରି କ୍ୟାନ୍ସର ପରି ଦୂରାରୋଗ ଭୋଗ କରି ମୃତ୍ୟୁ ମୁଖରେ ପଡୁଛୁ । ପ୍ରଦୂଷଣ କାରି ମାନେ ବେଧଡକ୍ ଆମ ଦେଶରେ ପ୍ରଦୂଷଣ ବଢ଼ାଇ ସୁଦୂର ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା, ଦୁବାଇ ପରି ଦେଶରେ ନିଜର ପରିବାର ସହିତ କାଳତିପାତ କରିବାକୁ ଶ୍ରେୟ ମଣୁ ଛନ୍ତି । ତେଣୁ ମିଥ୍ୟା ପ୍ରଲୋଭନ ପଛରେ ନ ଦୌଡ଼ି, ମିଥ୍ୟା ଆଭିଜାତ୍ୟର ଦ୍ୱାହି ନ ଦେଇ ନିଜର ମସ୍ତିଷ୍କର ଉର୍ବର ବୁଦ୍ଧି ପ୍ରୟୋଗ କରିବା ଉଚିତ୍ ହେବ । ଏଠାରେ ଲେଖକ କାହାରିକୁ କ୍ରୟ କରିବାରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଇ ନାହିଁ , କେବଳ ପ୍ରଦୂଷଣ ରୋକିବା ପାଇଁ ସମାଜକୁ ଏକ ସନ୍ଦେଶ ଦେଇଛି ।

# ପ୍ରକୃତିର ପ୍ରଳୟଙ୍କରୀ ପ୍ରତିଶୋଧ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩
E-mail : mayadharnayak2014@gmail.com

ଆଗକୁ ଘନେଇ ଆସୁଛି ବଡ଼ ଦୁର୍ଦ୍ଦିନଦାୟକ ମହାବିଭୀଷିକା – ତା'ର ଶାଗୁଣାଡେଣାର ଛାଇବିସ୍ତାରି ଥରହର କରିଦେବ ଏ ଦୁନିଆକୁ । ଆଗକୁ ଯେତେ ଯୁଦ୍ଧ ହେବାର ଅଛି – ସେସବୁ ଭଡାଟିଆ ସୈନ୍ୟବାହିନୀକୁ ନେଇ ତମାମ୍ ଦୁନିଆକୁ ବଧିର କରିଦେବାକୁ ଯାଉଛି – ଅନବରତ ଯୁଦ୍ଧଦୁନ୍ଦୁଭିରେ । ମାତ୍ର ସର୍ବାଧିକ ଶୋଚନୀୟ ଭବିଷ୍ୟତ ଭୋଗିବାକୁ ଯାଉଛି ବିଶ୍ୱ । ଭଡ଼ାଟିଆ ସୈନ୍ୟବାହିନୀର ବର୍ବରଆକ୍ରମଣରେ ଶତ୍ରୁ ମରିବ କି ମିତ୍ର ମରିବ – ତା'ର ମୀମାଂସା ହେବ ପରେ – ହେଲେ ମଣିଷ ହିଁ ମରିବ, ମଣିଷ ହିଁ ବଳିପଡିବ, ମଣିଷ ହିଁ ମଡ଼ା ପାଲଟିବ – ଏ ତ ହେବ, ଏଥି ସହିତ ସଂସାର ସାରା ସୃଷ୍ଟି ହେବ ଦାରୁଣତମ ଦୁଷ୍କାଳ । ସେ ଦୁଷ୍କାଳ ହେଉଛି – ଅଦୂର ଭବିଷ୍ୟତରେ ସବୁଦେଶରୁ ହଜିଯିବ ଜାତୀୟସଂଗୀତ, ପୁନଃପତିତ ହେବ – ଜାତୀୟପତାକାମାନ । ମଣିଷ ମାରିବା ପରେ – ଏ ଭଡ଼ାଟିଆବାହିନୀ କ୍ରମେ ଉଚ୍ଛେଦ କରିଚାଲିବ ପୃଥିବୀର ପ୍ରତ୍ୟେକ ଦେଶର ଇତିହାସଲବ୍ଧ ଆଜନ୍ମ ଜାତୀୟତାଗତ ଦୀର୍ଘ ଐତିହ୍ୟଧାରାକୁ। ପ୍ରତ୍ୟେକ ଦେଶରେ ପୁଣି ଘନାଇଆସିବ – ମହାପରାଧୀନତାର କରାଳ କାଳରାତ୍ରୀ । ଏହା ବିଶ୍ୱ ଭବିଷ୍ୟବାଣୀର ଚୂଡାନ୍ତତମ ଷଡଯନ୍ତ୍ରର ସୁରାକ...ହୁସିଆର... ଜାଗତିଆର୍ ରହନ୍ତୁ – ଆଜିଠୁ ବିଶ୍ୱଜନଗଣ ! ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ। ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା। ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି। ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡି, ପ୍ରବଳ ଝଡତୋଫାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର। ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ। ପୃଥିବୀର ଉତ୍ତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ। ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା। ଅଧିକ କୋଇଲା ଜାଳିବାଫଳରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହାଦ୍ୱାରା ମଧ୍ୟ ପାଣିପାଗର ପରିବର୍ତ୍ତନ ଘଟେ। ପାଣିପାଗର ଅସମାନତା ଦେଖାଯାଏ। ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି। ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି। ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି। ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ। ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି। ମୃତ୍ତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ। ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି। କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି। ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି। ଅନୁପାତ ମଧ୍ୟ ଠିକ୍ ରହୁନି। ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି। ଆକାଶରେ ବରଫ ତରଳୁଛି। କଳାବରଫଯୋଗୁ ତରଳୁଛି ଗ୍ଲାସିୟର। ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର। ପ୍ରାକୃତିକ ପରିବେଶ ବଦଳିଯିବ। ଜଙ୍ଗଲରେ ଲାଗିବ ନିଆଁ। ନିଭୁନିଭୁ ବହୁଦିନ ଲାଗିବ। ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି। ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ – ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି। ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲପୋଡି ମଣିଷପାଇଁ ହାନିକାରକ। ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଣ୍ଟ ଅମ୍ଳଜାନ ମିଳିଥାଏ। ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି। ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବାଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କେବଳ ଆମାଜନ୍ ଜଙ୍ଗଲ ନୁହେଁ – ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି। ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ। ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ। ସମଗ୍ର ଗ୍ରୀସ୍‌ରେବାଦଲରେ ଘୋଟିଯାଇଛି କଳାଧୂଆଁ। ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱାଭାବିକ ଭାବେ ଜଂଗଲରେ ନିଆଁ ଲାଗେ। ଏଥର ଜୁଲାଇ ଶେଷସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ। ଏଇଭଳି ଅବସ୍ଥା ଉପୁଜିଲେ ଜଂଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନ ହୋଇଯିବ। ଦିନକୁଦିନ ପ୍ରାକୃତିକ-ମନୁଷ୍ୟକୃତ ନିଆଁର ଆଁରେ ଜଂଗଲ ଘର ପଶିଯାଉଛି – ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ। କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ। ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ। ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ। ସମୁଦ୍ରପାଣି ଲୁଣିଆ। ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି। ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ। ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱ ବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ – ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ। ଫଳରେ ବିନା ଔଷଧରେ ଦିନ କଟୁନି। ପୁଣି ଔଷଧ ମଧ୍ୟ ଭେଜାଲ୍। ଏବେ ମୌସୁମୀ ବାଟବଣା ହୋଇଗଲାଣି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରର ମଧ୍ୟ ପରିବର୍ତ୍ତନ ପ୍ରଭାବିତ। ଗ୍ରୀଷ୍ମଋତୁ ବଢିଯାଉଛି – ବର୍ଷା, ଶୀତଋତୁ କମିଯାଉଛି। ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତ୍ତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି। ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି – ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି। ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି। ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି। ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି। ଆଉ କୋଇଲିର ଦେଖାନାହିଁ। କୁହୁକୁହୁ ଗୀତ ଗାଉନି। ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ – ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର। 'ଘରଚଟିଆ' କୁଆଡେ ବୁଲୁଛନ୍ତି – ତାଙ୍କର ଦେଖାନାହିଁ। ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ। ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ। ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଙ୍ଗଫି ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ। ସଂପତ୍ତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ – ସେ କଥା ନେତାମାନେ ମନକୁ ହେଜିନଥିଲେ। ସମୁଦ୍ରପତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ – ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି। ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ। ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋଫାନ୍ ମାଡିଆସିବ। ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ – ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି। ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ-ଧନସଂପତ୍ତି ଛାରଖାର ହୋଇଯାଉଛି। କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି। ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି। ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ। ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି। ବର୍ତ୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି – ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି। ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ। ବ୍ରିଟିଶ୍ ଭଳି ଚୀନ୍ ନେତୃତ୍ୱ ବର୍ତ୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି। ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି। ବିଶ୍ୱଜଳବାୟୁ ସଂସ୍ଥାକୁ କିମ୍ବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ। ଏହି ଜି-ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ। ବିଶ୍ୱଜଳବାୟୁ ପରିବର୍ତ୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତି ନିଅନ୍ତି। ସେ ନିଷ୍ପତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି। ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା – ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି। ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି। ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି ? ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଜୀବନଯାତ୍ରା ବ୍ୟାହତ। ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି। ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା। ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜୁଲାଇ ୨୦୨୪ ରବିବାର





# ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ ୨୦୦ କୋଟି ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ପ୍ରସ୍ତାବକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ବିଜେପି ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିକଶିତ ଓଡ଼ିଶା ଗଠନ ଦିଗରେ ୨ ଲକ୍ଷ ୬୫ ହଜାର ୦୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଏହାକୁ ଏକ କଲ୍ୟାଣକାରୀ ବଜେଟ୍ ଭାବରେ ସମ୍ବୋଧନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଓଡ଼ିଶା ପାଇଁ ପ୍ରାୟ ୧୫ ପ୍ରତିଶତ ଅଧିକ ବଜେଟ୍ ଆଗତ ହୋଇଥିବା ବେଳେ ଏହି ଅର୍ଥ ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ । ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ବେଶ୍ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସବ୍‌କା ସାଥ୍ ସବ୍‌କା ବିକାଶ ମନ୍ତ୍ରରେ ସବୁବର୍ଗ ବିଶେଷ ଭାବରେ ଗରିବ, ଚାଷୀ, ଯୁବ, ମହିଳା, ପଛୁଆ ବର୍ଗ, ଜନଜାତି ବର୍ଗର ଉନ୍ନତିକୁ ଧ୍ୟାନରେ ରଖି ବଜେଟ ଆଗତ କରାଯିବା ସହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦିଆଯାଇଛି । ରାଜ୍ୟରେ କୃଷି କ୍ଷେତ୍ରର ବିକାଶ ପାଇଁ ୩୩,୯୧୯ କୋଟି, ଧାନର ଏମ୍ଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି ସହ ସମୃଦ୍ଧ କୃଷକ ଯୋଜନା ଚାଷ ଓ ଚାଷୀଙ୍କ ମେରୁଦଣ୍ଡକୁ ସଶକ୍ତ କରିବ । ପାନୀୟ ଜଳ ଯୋଗାଣ ନିମନ୍ତେ ୮ ହଜାର କୋଟି ଟଙ୍କା ରାଜ୍ୟରେ ଜଳ ସମସ୍ୟାକୁ ଦୂର କରିବ । ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ପାଇଁ ୨୧,୨୦୦ କୋଟି, ଆୟୁଷ୍ମାନ ଭାରତ ଯୋଜନା ପାଇଁ ୫୦୦ କୋଟି ବ୍ୟୟବରାଦ ହୋଇଛି । ଶିକ୍ଷା କ୍ଷେତ୍ର ଲାଗି ୩୫ ହଜାର ୫୩୬ କୋଟି ଟଙ୍କା, ପିଏମ୍ ଶ୍ରୀ ଯୋଜନାର



କ୍ରିୟାନ୍ୱୟନ୍, ସ୍କୁଲ୍ ଡ୍ରପ୍ ଆଉଟ୍ ହାରକୁ ରୋକିବା ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାର କାର୍ଯ୍ୟକାରୀ ହେବା ପ୍ରଶଂସନୀୟ । ସେହିପରି ନାରୀ ସଶକ୍ତିକରଣ ଦିଗରେ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ବ୍ୟୟବରାଦ ସହ ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି । ସାମାଜିକ ସୁରକ୍ଷା ଭତ୍ତା ୩,୫୦୦ ଟଙ୍କା ବୃଦ୍ଧି, ଜନଜାତିଙ୍କ ବିକାଶ ପାଇଁ ୬୩,୪୫୭ କୋଟି, କ୍ରୀଡ଼ା ଓ ଯୁବ ସେବା ପାଇଁ ୧୩୧୫ କୋଟି ଟଙ୍କା ଏବଂ ଭିତ୍ତିଭୂମି ବିକାଶ ପାଇଁ ୫୮ ହଜାର ୧୯୫ କୋଟି ଟଙ୍କା ପ୍ରସ୍ତାବ ସ୍ୱାଗତଯୋଗ୍ୟ । ଏହାବ୍ୟତିତ ଓଡ଼ିଶାକୁ ପର୍ଯ୍ୟଟନର ପେଣ୍ଠସ୍ଥଳୀ କରିବା ପାଇଁ ମୋଦୀ ସରକାର ଗୁରୁତ୍ୱ ଦେଉଥିବା ବେଳେ ମୋର ଅନୁରୋଧକୁ ରକ୍ଷା କରି 'ରିଭରଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ' ଯୋଜନାରେ ସମ୍ବଲପୁର ଓ କଟକର ମହାନଦୀ କୂଳବର୍ତ୍ତୀ ଅଞ୍ଚଳକୁ ଗୁଜୁରାଟର ସାବରମତୀ ଭଳି ବିଶ୍ୱସ୍ତରୀୟ ରିଭର ଫ୍ରଣ୍ଟ ପ୍ରକଳ୍ପରେ ପରିଣତ କରିବା ପାଇଁ ୫୦ କୋଟି ଟଙ୍କା ବଜେଟ୍‌ରେ ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ସମ୍ବଲପୁର ସାଂସ୍କୃତିକ ଓ ଅର୍ଥନୈତିକ କାର୍ଯ୍ୟର କେନ୍ଦ୍ରବିନ୍ଦୁ ହୋଇପାରିବ । ଉଲ୍ଲେଖନୀୟ ଯେ, ନିକଟରେ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପତ୍ର ଲେଖି ସାବରମତୀ, କାଶୀ ଓ ବାରାଣାସୀ ଭଳି ସମ୍ବଲପୁରର ପୁରୁଣା ଅଯୋଧ୍ୟା ସରୋବରକୁ 'ରିଭରଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବା ପାଇଁ ପତ୍ର ଲେଖିଥିଲେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ବିଜେପି ସର୍ବଦା ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇଆସିଛି । ଚଳିତ ଆର୍ଥିକବର୍ଷ ୨୦୨୪-୨୫ ଓଡ଼ିଶା ବଜେଟ୍‌ରେ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ବ୍ୟୟବରାଦ ହୋଇଛି । ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡ଼େମୀ ପ୍ରତିଷ୍ଠା, ଜିଲ୍ଲାସ୍ତରୀୟ ଇ-ପାଠାଗାର ପ୍ରତିଷ୍ଠାନ ଆଦି ପାଇଁ ଏହି ଅର୍ଥ ଉପଯୋଗ କରାଯିବା ପ୍ରଶଂସନୀୟ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ପ୍ରସ୍ତାବ ରଖିଥିବାରୁ ମୋହନ ମାଝୀଙ୍କ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି ।

# ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମକୁ ବ୍ୟାପକ ଓ ଗଣାଭିମୁଖୀ କରାଯିବ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ଅନ୍ତର୍ଗତ ବିଭିନ୍ନ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟଗୁଡ଼ିକର ଆଲୋଚନା ତଥା ଆଗାମୀ ଦିନର କାର୍ଯ୍ୟ ସ୍ଥିରୀକୃତ ନେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ବିତ୍ତ ନିୟନ୍ତ୍ରକ କରନ ସୋରେନ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ । ଏଥିସହ ବୈଠକରେ ଏନ୍ଏସ୍ଏସ୍ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ନିର୍ଦ୍ଦେଶକ ସରିତା ପଟେଲ, ରାଜ୍ୟ ନୋଡାଲ ଅଫିସର ତଥା ଡେପୁଟି ସେକ୍ରେଟେରୀ-ଓଡ଼ିଶା ସରକାର, ଡକ୍ଟର ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ହୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ଅନ୍ତର୍ଗତ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକର ସବିଶେଷ ରିପୋର୍ଟର ତର୍ଜମା କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟ ଅଧିନସ୍ଥ



ମହାବିଦ୍ୟାଳୟ ଗୁଡ଼ିକରେ ଏନ୍ଏସ୍ଏସ୍‌ର କାର୍ଯ୍ୟକ୍ଷମ ସମ୍ପର୍କୀତ ପ୍ରସଙ୍ଗ ଆଲୋଚନା କରିଥିଲେ । ପରାମର୍ଶଦାତା କମିଟିର ଅନ୍ୟାନ୍ୟ ସଦସ୍ୟ ଭାବେ, ରୋଟାରୀ କ୍ଲବ ଅନ ସି- ବାଲେଶ୍ୱର, ଗୌରାଙ୍ଗ ପଣ୍ଡା- ଡିପିଓ ବାଲେଶ୍ୱର, କମଳାକାନ୍ତ ଓଝା- ଡିପିଓ ଭଦ୍ରକ, ଫକୀର ମୋହନ ମେଡିକାଲ କଲେଜର ଜିଲ୍ଲା ରକ୍ତ ଭଣ୍ଡାରର ଅଧିକାରୀ, ବାଲେଶ୍ୱର ଚାଇଲ୍ଡ ଲାଇନ୍ କାର୍ଯ୍ୟାଳୟର ମୁଖ୍ୟ, କିଟ୍ ବିଶ୍ୱବିଦ୍ୟାଳୟର ଡ଼କ୍ଟର ସ୍ମୃତି ରଞ୍ଜନ ଦାସ, ନିର୍ମାଲ୍ୟ ବେହେରା- କ୍ଷେତ୍ର ପ୍ରଚାର ଅଧିକାରୀ, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, କ୍ଷେତ୍ର କାର୍ଯ୍ୟାଳୟ, ବାଲେଶ୍ୱର, ଭାରତ ସରକାର, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରିନ୍ସିପାଲ୍, ଡିହିଡି ମହାବିଦ୍ୟାଳୟର ପ୍ରିନ୍ସିପାଲ୍, ନୀଳଗିରି ମହିଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପ୍ରୋଗ୍ରାମ୍ ଅଫିସର ମୌସୁମୀ ଭୋଳ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଡ଼କ୍ଟର ଜଗନ୍ନାଥ ବେହେରା ଓ ଡ଼କ୍ଟର ପ୍ରତିମା ପ୍ରଧାନଙ୍କ ସହ ଛାତ୍ର ପ୍ରତିନିଧି ଭାବେ ବିଶ୍ୱବିଦ୍ୟାଳୟ ସମାଜ ସେବା ବିଭାଗର ଛାତ୍ର ସ୍ଲୋଗାନ ବାରିକ ଓ ଛାତ୍ରୀ ସୁନୀତା ପାତ୍ର ଯୋଗଦେଇ ବିଭିନ୍ନ ମତାମତ ପ୍ରଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୧୫ ଦିନ ତଳେ ହୋଇଥିଲା ଝିଅ ବାହାଘର ଝିଅକୁ ଝୁରିଝୁରି ଚାଲିଗଲା ବାପା ଜୀବନ

**ବେଲବାହାଲି, ନ୍ୟୁଜ୍ ବ୍ୟୁରୋ**

କୁହାଯାଏ, ପିତାମାତା ନିଜ ପିଲାମାନଙ୍କୁ କେତେଯେ ଭଲପାଆନ୍ତି, ତାହା ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟକର । ଝିଅକୁ ବାହାଦେବା ପରେ ତାକୁ ଝୁରିଝୁରି ଜଣେ ବାପା ଆରପାରିକୁ ଚାଲିଯାଇଛନ୍ତି । ଏଭଳି ଏକ ଘଟଣା ଘଟିଛି, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଅନ୍ତର୍ଗତ ତମ୍ପୋ ଗ୍ରାମରେ । ଝିଅ ବାହାଘରର ୧୫ ଦିନ ଭିତରେ ଝିଅକୁ ଝୁରିଝୁରି ଆରପାରିକୁ ଚାଲି ଯାଇଛନ୍ତି ଗ୍ରାମର ପର୍ଶୁରାମ ଜେନା (୫୪) । ଗତ ଶୁକ୍ରବାର ଅପରାହ୍ନ ୩ଟାରେ ପର୍ଶୁରାମ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପତ୍ନୀ ମୀନାକ୍ଷୀ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୀନାକ୍ଷୀଙ୍କ କହିବା ମୁତାବକ, ପର୍ଶୁରାମ ନିଜର ୪ ଝିଅଙ୍କୁ ବହୁତ ଭଲପାଆନ୍ତି । ପୂର୍ବରୁ ବଡ଼ଝିଅର ବାହାଘର ସରିଥିଲା । ଏବେ ବଡ଼ ମଝିଆଁ ଝିଅର ବାହାଘର ପରେ ଝିଅ କଥା ଭାବି ଭାବି ଠିକ୍ ସମୟରେ ଖିଆପିଆ କରୁନଥିଲେ । ଝିଅ ଚିନ୍ତାରେ ଚିନ୍ତାରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିଲେ । ଏବେ ପରିବାର କହିଲେ ଦୁଇ ଝିଅ ଓ ବିଧବା ମା' । ଏହି ଭଙ୍ଗାଦଦରା ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି । ଟଙ୍କା ନଥିବାରୁ ଶୁଦ୍ଧିକ୍ରିୟା କିପରି ହେବ ସେନେଇ ମୀନାକ୍ଷୀ ଚିନ୍ତାରେ ରହିଥିବା ବେଳେ ଯଦି କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାନ୍ତି, ତେବେ ଶୁଦ୍ଧିକ୍ରିୟା ହୋଇପାରନ୍ତା ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ବିଧବା ଭତ୍ତା ତୁରନ୍ତ ଯୋଗାଇ ଦେବାକୁ ପତ୍ନୀ ମୀନାକ୍ଷୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ଚୋରା ମାଦକ ଦ୍ରବ୍ୟ ପେଣ୍ଠସ୍ଥଳୀ ପାଲଟିଛି ଯଖପୁରା:ପୋଲିସ ଓ ଅବକାରୀ ବିଭାଗ ନିରବ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗନଗର ଶିଳ୍ପାଞ୍ଚଳ ନିକଟବର୍ତ୍ତୀ ଜଖପୁରା ଗ୍ରାମଟି ବହୁ ପୁରାତନ । ଏହି ଗାଁରେ ବହୁ ବିଜ୍ଞ, ଜ୍ଞାନୀ, ଗୁଣୀ ବିଶିଷ୍ଟ ବ୍ୟକ୍ତି ରହୁଥିବା ବେଳେ ଗାଁରେ ଆଧ୍ୟାତ୍ମିକ ପରିବେଶ ପାଇଁ ଏ ଅଞ୍ଚଳ ପାଇଁ ଆଉ ଗୋଟେ ପରିଚୟ ସୃଷ୍ଟି କରେ । ଗ୍ରାମରେ ବହୁ ପୁରାତନ କାଳରୁ ବହୁ ଦେବାଦେବୀ ମନ୍ଦିର ସ୍ଥାପିତ ହୋଇଥିଲାବେଳେ ଏବେ ବହୁ ନୂତନ ଭାବେ ମନ୍ଦିର ସ୍ଥାପିତ ହୋଇ ଦେବାଦେବୀଙ୍କ ପ୍ରାଣ ପ୍ରତିଷ୍ଠା ପାଇଛନ୍ତି । ଗାଁରେ ସବୁ ସମୟରେ ଦେବାଦେବୀଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ । କଳିଙ୍ଗନଗର ଶିଳ୍ପାଞ୍ଚଳ ଆରମ୍ଭ ହେବା ପରେ ପରେ ଏହି ଗାଁଟିର ପରିବେଶ ଧିରେ ଧିରେ ନଷ୍ଟ ହେବାରେ ଲାଗିଛି । ଗାଁରେ କିଛି ଯୁବକ ନିଶା ରାକ୍ଷସ କବଳରେ କବଳିତ ହୋଇପଡ଼ିଛନ୍ତି । ଗାଁର ଯୁବକମାନଙ୍କୁ ହାତ ପାହାନ୍ତାରେ ମାଦକ ଦ୍ରବ୍ୟ ପହଞ୍ଚିଯାଉଛି ଯାହା ବରିଷ୍ଠ ଏବଂ ମୁରବୀ ମାନଙ୍କୁ ଚିନ୍ତାରେ ପକାଇଦେଇଛି । ଦେଖିବାକୁ ମିଳେ ଶିକ୍ଷିତ ଯୁବ ସମାଜ ପଥ ଭ୍ରଷ୍ଟ ହେବାରେ ଲାଗିଛନ୍ତି । ଚୋରା ମଦ ବେପାରୀଙ୍କ ପାଇଁ କେତେ ବାପା, ମା'ଙ୍କର ସୁନାର ସଂସାର ଭାଙ୍ଗି ଚୂନା ହେଇଯାଉଛି । ଯଖପୁରା ଗାଁ ହରେଇ ବସିଛି ତାର ଐତିହ ଓ ଥିବା ସୁନାମ । କଳୁଷିତ ରାଜନୀତି ଏହି ଐତିହ ସମ୍ପନ୍ନ ପାରମ୍ପରିକ ଏବଂ ଭାଇଚାରା ଥିବା ଗାଁଟିକୁ ବିକଳାଙ୍ଗ କରିଦେଇଛି ଆଉ ଭାଇଚାରା ଅପହୃତ ହୋଇଯାଇଛି । ସବୁଥାଇ ମଧ୍ୟ ଏଠାରେ କିଛିନଥିଲା ଭଳି ଅନୁଭବ ହୁଏ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି । ସବୁରି ମୂଳରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଭୂମିକା ଯଖପୁରା ଗାଆଁର ୪/୫ ଜଣ ଯୁବକ ବ୍ରାଉନ୍‌ସୁଗାର ବେଧଡ଼କ୍ ବିକ୍ରି କରି ଚାଲିଛନ୍ତି । ଗାଁର ମହାପାଟ ସାହିର ଦୁଇଜଣ ମହିଳା ଓ ଉପର ସାହିର ଦୁଇ ଜଣ ମହିଳା ନିଜେ ଚୋରା ମଦ, ଗଞ୍ଜେଇ, ମହୁଲୀ ବ୍ୟବସାୟରେ ସାମିଲ୍ କରିଥିବାର ସର୍ବ ସାଧାରଣରେ ଆଲୋଚନା ହେଉଛି । ଯଖପୁରା ଗାଆଁର ଅନେକ ଶିକ୍ଷିତ ଯୁବକ ଏମାନଙ୍କ ଜାଲରେ ପଡ଼ି ଅନେକ ସମୟରେ ପାରିବାରିକ ଅଶାନ୍ତି ସୃଷ୍ଟି କରୁଥିବାର ନଜିର ରହିଛି । ଗାଁ ଠାରୁ ଥାନା କିଛି ଦୂରରେ ଥିଲେ ବି ପୋଲିସ କାଯ୍ୟାନୁଷ୍ଠାନ ଗ୍ରହଣ କରୁନି । ଅବକାରୀ ବିଭାଗ ପୁରା ଚୁପ୍ ହୋଇ ବସିଛି । ଅଭିଯୋଗ ହୁଏ ମାସିକିଆ ବଟି ନେଇ ପୋଲିସ ଓ ଅବକାରୀ ବିଭାଗ ମାଦକଦ୍ରବ୍ୟ କାରବାରକୁ ପ୍ରୋତ୍ସାହିତ କରୁଛି । ଚୋରା ମାଦକ ଦ୍ରବ୍ୟ ବେପାରୀଙ୍କୁ ଧରିବା ସହ ଗାଁରେ ସୁସ୍ଥ ବାତାବରଣ ଆଣିବା ଦିଗରେ ପୋଲିସ ଓ ଅବକାରୀ ବିଭାଗ କେବେ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା ।



# ସୁନିଶ୍ଚିତ ନିଯୁକ୍ତି ନିମନ୍ତେ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ:ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଛତାଠାରେ ସରକାରୀ ପଲ୍ଲି ଟେକ୍‌ନିକ୍ ପରିସରରେ ଥିବା ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ରକୁ ବୁଧବାର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ତାଲିମ୍ ନେଉଥିବା ଯୁବକ ଯୁବତୀମାନଙ୍କ ସହ ଆଲୋଚନା କରି କହିଛନ୍ତି । ଜୀବନରେ ସୁନିଶ୍ଚିତ ନିଯୁକ୍ତି ନିମନ୍ତେ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ । ତେଣୁ ଠିକ୍‌ରେ ତାଲିମ୍ ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ତାଲିମ୍ ନେଉଥିବା ଯୁବକ ଯୁବତୀଙ୍କୁ ପାଠ୍ୟ ପୁସ୍ତକ ଓ ଉପକରଣମାନ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଏହି ଦକ୍ଷତା ବିକାଶ କେନ୍ଦ୍ରରୁ ୩ଟି ବ୍ୟାଚ୍‌ରେ ମୋଟ୍ ୫୪ ଜଣ ଛାତ୍ରଛାତ୍ରୀ ତାଲିମ୍‌ପ୍ରାପ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୫ ଜଣ ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି । ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ସରକାରୀ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, କେନ୍ଦ୍ରାପଡ଼ା ଡିଭିଜନ୍- ୨ ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ ବିଭାଗ) ଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ନିମନ୍ତେ ଯଥାଶୀଘ୍ର ପାଠାଗାର, ପରାମର୍ଶ କକ୍ଷ ଏବଂ ବାଳିକା ଛାତ୍ରୀ ନିବାସର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଶ୍ରୀ ପତିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ନିଯୁକ୍ତି କ୍ଷେତ୍ରରେ ଐତିହାସିକ ପଦକ୍ଷେପ:ଓର୍‌ମାସ୍ ଦ୍ୱାରା ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷତା ବିକାଶ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଦିଗରେ ଓର୍‌ମାସ୍ ଦ୍ୱାରା ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ପଞ୍ଚାୟତିରାଜ୍ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓଡ଼ଇଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍‌ମାସ୍) ପକ୍ଷରୁ ୧୦ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଦକ୍ଷତା ବିକାଶ ଦିଗରେ ରାଜ୍ୟରେ ଏହା ଏକ ଐତିହାସିକ ପଦକ୍ଷେପ ଏବଂ ଏହାଦ୍ୱାରା ୧୭,୨୭୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ଭୁବନେଶ୍ୱର ସ୍ଥିତ ଏସ୍‌ଇଆର୍‌ଡି ସମ୍ମିଳନୀ କକ୍ଷରେ ଓର୍‌ମାସ୍ ପକ୍ଷରୁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହ ୧୩ଟି ବୁଝାମଣାପତ୍ର ଦିନ୍‌ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧିନ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଓଡ଼ିଶାର ସାମଗ୍ରିକ ବିକାଶ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓର୍‌ମାସ୍ ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପୁନମ୍ ଟି. ଗୁହା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବିଭାଗରେ ଚାଲିଥିବା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଓ ନିଯୁକ୍ତି ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ଏହି ପ୍ରକଳ୍ପ ପାଇଁ ମୋଟ ୧୨୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପାନୀୟ ଜଳ ଓ ସ୍ୱଚ୍ଛତା ନିର୍ଦ୍ଦେଶକ ବିନିତ୍ ଭରଦ୍ୱାଜ ଧନ୍ୟବାଦ ଦେଇଥିଲେ ।

## ||||||||||||||| ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ |||||||||||||||

# କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ଯୋଗାଇ ଦେବା ନିମନ୍ତେ କୃଷି ଅଧିକାରୀ ତଥା ବ୍ୟାଙ୍କ ଅଧିକାରୀମାନେ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ ୨୦୨୪ରେ ମତପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉମାକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୪ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି । ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଅମଳବିହୀନ ଧାନ ଜମିରେ ମୂଲ୍ୟଭିତ୍ତିକ ଚାଷ, କୃଷି କ୍ଷେତ୍ରରେ ଉଦ୍ୟମିତା ପ୍ରୋତ୍ସାହନ ଓ



ବେସରକାରୀ ପୁଞ୍ଜିଲଗାଣ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନର ସଦୁପଯୋଗ, ପଥୁରିଆ ଜମିରେ ମାଣ୍ଡିଆ ବା ମିଲେଟ ଜାତୀୟ ଫସଲ ଉତ୍ପାଦନ ଆଦି କରାଯିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ଜୈବିକ କୃଷିକୁ ପ୍ରୋତ୍ସାହନ ଓ ସମନ୍ୱିତ କୃଷିର ପ୍ରଚଳନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ପୂର୍ବକ ମୃତ୍ତିକା ପରୀକ୍ଷା କରାଇ ନେବା ନିମନ୍ତେ ପ୍ରୋତ୍ସାହିତ କରିବା ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇଦେବା, ସୌରଶକ୍ତିର ଉପଯୋଗ ଦ୍ୱାରା ପାଣି ପମ୍ପ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର କରିବା ନିମନ୍ତେ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କର ଗତ ଖରିଫ ଋତୁରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଥିବା ସୂଚନା ଦେଇଥିଲେ । ୨୦୨୪ ଖରିଫ ଋତୁରେ ମୋଟ୍ ୧୨୩୩୦୦ ହେକ୍ଟର ଜମିରେ ଧାନ, ୧୦୦୦ ହେକ୍ଟର ଜମିରେ ମକା ଓ ୧୨୬୦ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିସହ ୯୨୦୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୨୫୪୦ ହେକ୍ଟର ଜମିରେ ତୈଳବୀଜ, ୮୫୦ ହେକ୍ଟର ଜମିରେ ଝୋଟ, ୪୨୩୦୦ ହେକ୍ଟର ଜମିରେ ପନିପରିବା, ୩୯୦୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୨୮୧୦ ହେକ୍ଟର ଜମିରେ ଆଖୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ବା ଆକସ୍ମିକ ଅଘଟଣ ଏଡାଇବା ନିମନ୍ତେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲ୍ଲାରେ ଖରିଫ ଫସଲ ଚାଷକୁ ବୀମାଭୁକ୍ତ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିବନ୍ଧକ, ସମବାୟ ସମିତି ସମୂହ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୂଆପଲ୍ଲୀ ଥାନା ଅଞ୍ଚଳର ୨୦୧୫ ମସିହାରେ ଘଟିଯାଇଥିବା ଏକ ଦୁଷ୍କର୍ମ ମାମଲାର ବିଚାର କରି ଦୀପକ କୁମାର ନାୟକକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋସ୍‌କୋ)ର ଆଡ୍ ହକ୍ ଆଡିସନାଲ୍ ସେସନ୍ ଜଜ୍ ସରୋଜ କୁମାର ସାହୁ । ଦୁଷ୍କର୍ମକାରୀକୁ ୧୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ପୋଲିସ ସୂଚନା ଅନୁସାରେ, ୨୦୧୫ ମସିହା ଫେବୃୟାରୀ ୨୦ ତାରିଖ ସନ୍ଧ୍ୟାରେ ଦୀପକ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏକ ଗ୍ରାମରୁ ନାବାଳିକାଙ୍କୁ ଅପହରଣ କରିନେଇ ଫେରାର ହୋଇଯାଇଥିଲା । ଏହି ଘଟଣାକୁ କେନ୍ଦ୍ରକରି ନାବାଳିକାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ସେତେବେଳେ ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଓ ବେଗୁନିଆ ପୋଲିସର ସହାୟତାରେ ସମ୍ପୃକ୍ତ ନାବାଳିକା ଝିଅକୁ କଳାପଥର ଅଞ୍ଚଳରେ ଥିବା ଦୀପକର ଘରୁ ଉଦ୍ଧାର କରି ତାଙ୍କ ମାଆଙ୍କ ଜିମାରେ ଦିଆଯାଇଥିଲା । ଏହି ଘଟଣା ପରେ ମହିଳା ଜଣକ ଝିଅକୁ ସାଙ୍ଗରେ ଆଣି ଭୁବନେଶ୍ୱର ରେଣ୍ଟାଲ୍ କଲୋନୀ ଅନ୍ତର୍ଗତ ବେହେରା ବସ୍ତିରେ ରହିଆସୁଥିଲେ । ଏଠାରେ ରହିବା ଭିତରେ ମହିଳା ଜଣକ ବେଳେ ବେଳେ ତାଙ୍କ ଝିଅକୁ ବେହେରା ବସ୍ତି ସ୍ଥିତ ଘରେ ପରିବାର ସଦସ୍ୟଙ୍କ ପାଖରେ ଛାଡ଼ି ନିଜ ପୈତୃକ ଗ୍ରାମକୁ ଯାଇଥାନ୍ତି । ଦିନେ ସେ ପୈତୃକ ଗ୍ରାମକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୀପକ ତାଙ୍କ ଘରେ ପଶି ତାଙ୍କ ନାବାଳିକା ଝିଅକୁ ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ନିକଟରେ ଅନ୍ତଃସତ୍ତ୍ୱା ହୋଇଥିଲେ । ତାଙ୍କୁ ଦୀପକ ଦୁଷ୍କର୍ମ କରିଥିବା ଝିଅ କହିଥିଲେ । ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ କରିଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତ ଦୀପକର ବାପା ମାଆ ବିଭିନ୍ନ ନମ୍ବରରୁ ଫୋନ୍ କରି ନାବାଳିକାଙ୍କ ମାଆଙ୍କୁ ବାରମ୍ବାର ଧମକ ଦେଇଥିଲେ । ମହିଳା ଜଣକ ଶେଷରେ ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୋଲିସ ମାମଲା ରୁଜୁ କରିଥିଲା । ଥାନାର ତତ୍କାଳୀନ ସବ୍ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିବା ବେଳେ ପରେ ସବ୍‌ଇନ୍ସପେକ୍ଟର ସୂର୍ଯ୍ୟମଣି ପ୍ରଧାନ ଏହି ମାମଲାର ତଦନ୍ତ ଦାୟିତ୍ୱ ବହନ କରିଥିଲେ । ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଆଡିସ୍‌ନାଲ୍ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ ।

# ପିତୃହନ୍ତା ପୁଅକୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଦିନ ଏକ ହତ୍ୟା ମାମଲାର ଶୁଣାଣୀ କରି କେନ୍ଦୁଝର ଜିଲ୍ଲା ଜଜ୍ ପିତୃହନ୍ତା ପୁଅକୁ ଆଜୀବନ କରାଦଣ୍ଡ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ ପଣ୍ଡାପଡା ଥାନା ଗଜାଆମ୍ବ ଗାଁରେ ୨୦୧୯ ମସିହା ମାର୍ଚ୍ଚ ମାସ ରାତି ୧ ଟା ସମୟରେ ଏହି ଘଟଣା ଘଟିଥିଲା । ବିଶୁ ମୁଣ୍ଡାଙ୍କ ବିବାହିତ ଝିଅ ଛୁଆ ପିଲାଙ୍କୁ ନେଇ ବାପ ଘରକୁ ବୁଲିବାକୁ ଆସିଥିଲା । ଝିଅ ଆସିଥିବାରୁ ବିଶୁ ମୁଣ୍ଡା ଘରେ ପାଳିଥିବା ୨ଟି କୁକୁଡ଼ା ତରକାରୀ କରିବାକୁ କହିଥିଲେ । କିନ୍ତୁ ଯେତେବେଳେ ରାତିରେ ଖାଲି ତାଙ୍କୁ ପଖାଳ ଖାଇବାକୁ ଦିଆଯାଇଥିଲା ବିଶୁ ଏହାର ପ୍ରତିବାଦ କରି ନିଜେ ଗରମ ଭାତ ରାନ୍ଧିଥିଲେ । ଖାଇବା ସମୟରେ ତାଙ୍କୁ କୁକୁଡ଼ା ତରକାରୀ ଦିଆଯାଇନଥିଲା । ତେବେ ବିଶୁ ଏ ସମ୍ପର୍କରେ ନିଜ ପତ୍ନୀ ଗୁରୁବାରୀ ମୁଣ୍ଡାଙ୍କୁ ପଚାରିବାରୁ ରୋଷେଇ ସରିନଥିବା କହିଥିଲେ । ଏତିକି ବେଳେ ପୁଅ ନବ କିଶୋର ସହିତ ବାପା ବିଶୁ ଓ ଝିଅ ସୀତାଙ୍କର ପାଟିତୁଣ୍ଡ ହୋଇଥିଲା । ନବ କିଶୋର ରାଗିକି ଭଉଣୀ ସୀତା ମୁଣ୍ଡାକୁ ପିଟିଥିଲା । ଝିଅକୁ କାହିଁକି ପିଟିଲୁ ବୋଲି କହି ବାପା ଏହାର ପ୍ରତିବାଦ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ନବକିଶୋର ଘରେ ଥିବା କୁରାଢ଼ି ଆଣି ବାପା ବିଶୁ ମୁଣ୍ଡାଙ୍କୁ ଚୋଟ ପରେ ଚୋଟ ମାରି ହତ୍ୟା କରିଥିଲା । ଘଟଣା ନେଇ ମୃତ ବିଶୁ ମୁଣ୍ଡାର ସ୍ତ୍ରୀ ଗୁରୁବାରୀ ମୁଣ୍ଡା ପଣ୍ଡାପଡା ଥାନାରେ ଏତଲା ଦେଇଥିଲେ । ପୋଲିସ କେସ୍ ନମ୍ବର ୨୦/୨୦୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନବକିଶୋରକୁ ଗିରଫ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା କୁରାଢ଼ି ଜବତ କରିଥିଲା । ଏହି ହତ୍ୟା ଘଟଣାରେ ୧୩ ଜଣ ସାକ୍ଷୀ, ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଜିଲ୍ଲା ଜଜ୍ ଅଶୋକ କୁମାର ପଣ୍ଡା ଦୋଷୀ ନବକିଶୋରକୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୧ ମାସ ଜେଲ୍‌ଦଣ୍ଡ ଆଦେଶ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଦୀପ କୁମାର ଦାସ ପରିଚାଳନା କରୁଥିଲେ ।

# ଏମ୍‌କେସିଜି ହସ୍ପିଟାଲ୍‌ରେ ହୋଇପାରୁନି କିଡ୍‌ନୀ ପ୍ରତିରୋପଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ୍ ଓ ହସ୍‌ପିଟାଲ୍ ୬୦ ବର୍ଷ ବିତିଗଲାଣି । ତଥାପି ଏଠାରେ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପାଇପାରୁନାହାନ୍ତି ରୋଗୀ । ସାରା ରାଜ୍ୟରେ ରୋଗୀଙ୍କୁ ସେବା ଯୋଗାଇ ଆଗରେ ରହିଥିବା ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଆଧୁନିକ ଯୁଗରେ ରୁଗ୍ଣ ଅବସ୍ଥାରେ ରହିଛି । ହସ୍‌ପିଟାଲ୍‌ର ପ୍ରତିଷ୍ଠାର ୬୦ ବର୍ଷ ପରେ ଏଠାରେ ଆରମ୍ଭ ହୋଇପାରୁନି ଅଙ୍ଗ ପ୍ରତିରୋପଣ । କେବଳ ଚକ୍ଷୁ ବିଭାଗରେ ପରଳ ପ୍ରତିରୋପଣ ହୋଇପାରୁଛି । ଅନ୍ୟ ଅଙ୍ଗଦାନ କରିବାକୁ ଅଙ୍ଗଦାତା ପ୍ରସ୍ତୁତ ଅଛନ୍ତି କିନ୍ତୁ ଏଠାରେ ଡାକ୍ତର ନଥିବାରୁ ଅଙ୍ଗ ପ୍ରତିରୋପଣ ହୋଇପାରୁନାହିଁ । ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରାଣ କେନ୍ଦ୍ର କୁହାଯାଉଥିବା ଏମ୍‌କେସିଜି ସେହି ପୁରୁଣା ଢାଞ୍ଚାରେ ରହିଛି । କୋଟି କୋଟି ଟଙ୍କାରେ ମାଳ ମାଳ କୋଠା ନିର୍ମାଣ ହୋଇଛି କିନ୍ତୁ ରୋଗୀ ସେବା ବହୁ ପଛରେ । ରାଜ୍ୟରେ





ସରକାରୀ ହସ୍‌ପିଟାଲ୍ ମାନଙ୍କ ମଧ୍ୟରେ ପ୍ରଥମେ କଟକ ଏସ୍‌ସିବି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ କିଡ୍‌ନୀ ପ୍ରତିରୋପଣ ଆରମ୍ଭ ହୋଇଥିଲା । ରାଜ୍ୟ ସରକାର ଅନ୍ୟ ସବୁ ମେଡ଼ିକାଲ କଲେଜରେ କିଡ୍‌ନୀ ପ୍ରତିରୋପଣ କରିବାକୁ ଉଦ୍ୟମ କରିଥିଲେ କିନ୍ତୁ ଡାକ୍ତରଙ୍କ ଇଚ୍ଛାଶକ୍ତି ନଥିବାରୁ ଏମ୍‌କେସିଜିରେ କିଡ୍‌ନୀ ପ୍ରତିରୋପଣ ହୋଇପାରୁନାହିଁ । କିଡ୍‌ନୀ ରୋଗୀଙ୍କୁ ସେବା ଯୋଗାଇବା ପାଇଁ ରାଜ୍ୟରେ ପ୍ରଥମେ ଏମ୍‌କେସିଜି ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌ରେ ୧୯୭୬ରେ ଡ଼ାଏଲେସିସ୍ ସେବା ଆରମ୍ଭ ହୋଇଥିଲା । କିନ୍ତୁ ଏଠାରେ ଏବେ ନେଫ୍ରୋଲୋଜି ବିଭାଗ ରୁଗ୍ଣ ଅବସ୍ଥାରେ ରହିଛି । ଜଣେ ପ୍ରଫେସର ଓ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଏହି ବିଭାଗରେ ନିୟୋଜିତ ଅଛନ୍ତି । ଫଳରେ ରୋଗୀଙ୍କୁ ଇନ୍‌ଡ଼ୋର୍ ସେବା ମିଳିବାରେ କଷ୍ଟକର ହେଉଛି । ଏହି ବିଭାଗରେ ଦୁଇ ଶହ ରୋଗୀ ରହିଥିବା ବେଳେ ସେମାନେ ବର୍ତ୍ତମାନ ଡାଏଲେସିସ୍ ହେଉଛନ୍ତି । ବର୍ତ୍ତମାନ ଡାଏଲେସିସ୍ ପାଇଁ ନୂଆ ମେସିନ୍ ଆସିଥିବାରୁ ବିଶେଷ ଅସୁବିଧା ହେଉନାହିଁ । ପ୍ରତ୍ୟେକ ମାସରେ ପ୍ରାୟ ହଜାରେ ଡାଏଲେସିସ୍ କରାଯାଉଛି । କିନ୍ତୁ ଏହି ରୋଗୀମାନେ କିଡ୍‌ନୀ ପ୍ରତିରୋପଣ କରିବେ କେମିତି ବାଟ ପାଉନାହାନ୍ତି । କଟକ ଗଲେ ଦୀର୍ଘ ଦିନ ଲମ୍ବା ଧାଡ଼ି ଲଗାଇବାକୁ ପଡୁଛି । ଦୁଃଖର ବିଷୟ ୬୦ ବର୍ଷର ମେଡ଼ିକାଲ୍ କଲେଜ୍‌ରେ କିଡ୍‌ନୀ ପ୍ରତିରୋପଣ ହୋଇପାରିଲାନାହିଁ, କିନ୍ତୁ ଭୁବନେଶ୍ୱରରେ କିଛି ବର୍ଷ ତଳେ ଆରମ୍ଭ ହୋଇଥିବା ୨୦୨୨ ଜୁଲାଇ ମାସରୁ ଏମ୍‌ସରେ କିଡ୍‌ନୀ ପ୍ରତିରୋପଣ ହୋଇପାରୁଛି । ୨୦୧୮ରେ ନେଫ୍ରୋଲୋଜି ଓପିଡ଼ି ଆରମ୍ଭ ହୋଇଥିବା ବେଳେ ୨୦୧୯ରୁ ଡ଼ାଏଲେସିସ୍ ସେବା ଆରମ୍ଭ ହୋଇଥିଲା । ଡ଼ିଏମ୍‌ଇଟିଙ୍କ ଅନୁମୋଦନ ପ୍ରକାରେ କିଡ୍‌ନୀ ପ୍ରତିରୋପଣ ହୋଇପାରୁଛି । କିଡ୍‌ନୀ ପ୍ରତିରୋପଣ ପାଇଁ ନେଫ୍ରୋଲୋଜି ଓ ୟୁରୋଲୋଜି ବିଭାଗର ଗୁରୁଦାୟିତ୍ୱ ରହିଛି । ନେଫ୍ରୋଲୋଜି ବିଭାଗର ଦୁଇ ଜଣ ଓ ୟୁରୋଲୋଜି ବିଭାଗର ୪ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଛି । ନିଶ୍ଚେତକ, ପ୍ୟାଥୋଲୋଜି, ବାୟୋକେମେଷ୍ଟ୍ରି ଓ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ବିଭାଗ ଏଥିରେ ଡାକ୍ତର ମାନଙ୍କୁ ସହଯୋଗ କରିବେ । ଏମ୍‌କେସିଜିରେ ୟୁରୋଲୋଜି ବିଭାଗରେ ୭ ଜଣ ଡାକ୍ତର ରହିଥିବା ବେଳେ ନେଫ୍ରୋଲୋଜି ବିଭାଗରେ ୨ ଜଣ ଡାକ୍ତର ଅଛନ୍ତି । ପିଏମ୍ଏସ୍ଏସ୍‌ୱାଇ କୋଠାରେ ରହିଛି ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ । ତଥାପି କିଡ୍‌ନୀ ପ୍ରତିରୋପଣ ହୋଇପାରୁନାହିଁ । ଏମ୍‌କେସିଜି ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ କହିଛନ୍ତି ତାଲିମ୍‌ପ୍ରାପ୍ତ ଡାକ୍ତର ଏଠାରେ ନାହାନ୍ତି । ପ୍ରତିରୋପଣ ପାଇଁ ଏବେ ଭିତ୍ତିଭୂମି ଅଛି କିନ୍ତୁ ପ୍ରତିରୋପଣ ପାଇଁ ଆବଶ୍ୟକ ଡାକ୍ତର ଟିମ୍ ନାହାନ୍ତି । ସ୍ୱତନ୍ତ୍ର ଡାକ୍ତର ଟିମ୍ ନିଯୁକ୍ତି ହେଲେ ପ୍ରତିରୋପଣ ହୋଇପାରିବ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ହ୍ୟୁମନ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ଆକ୍ଟ (ହୋଟା)ରେ ରେଜିଷ୍ଟ୍ରେସନ୍ କରିବାକୁ ୨୦୨୪ ମଇ ମାସରେ ଚିଠି କରିଥିଲେ । କିନ୍ତୁ ଡାକ୍ତର ନଥିବାରୁ ରେଜିଷ୍ଟ୍ରେସନ୍ ହୋଇପାରିନାହିଁ ବୋଲି ଡ଼ିନ୍ କହିଛନ୍ତି । କଟେକରେ ପ୍ରତିରୋପଣ ପାଇଁ ଡାକ୍ତର ଆବଶ୍ୟକ ହେବାରୁ ଏଠାରୁ ନିଶ୍ଚେତକ ବିଭାଗର ଜଣେ ପ୍ରଫେସରଙ୍କୁ ନିଆଯାଇଛି । ସେହିପରି ଏମ୍‌କେସିଜିରେ ମଧ୍ୟ ଅଙ୍ଗ ପ୍ରତିରୋପଣ ପାଇଁ ଡାକ୍ତର ଟିମ୍ ଆବଶ୍ୟକ ବୋଲି ସେ କହିଛନ୍ତି ।

# ପ୍ରଥମ ଟି-୨୦ : ଶ୍ରୀଲଙ୍କାକୁ ୪୩ ରନରେ ହରାଇଲା ଭାରତ



**କଲମ୍ବୋ**

ଶ୍ରୀଲଙ୍କାର ପାଲେକେଲେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଉଥିବା ପ୍ରଥମ ଟି-୨୦ ମ୍ୟାଚରେ ଶ୍ରୀଲଙ୍କାକୁ ୪୩ ରନରେ ପରାସ୍ତ କରିଛି ଭାରତ । ଭାରତ ପକ୍ଷରୁ ୨୧୪ ରନର ଲକ୍ଷ୍ୟ ରଖାଯାଇଥିବାବେଳେ ଶ୍ରୀଲଙ୍କା ୧୯.୨ ଓଭରରେ ୧୭୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଥୁମ ନିଶଙ୍କା ୭୯ ରନ ଓ କୁଶଲ ମେଣ୍ଡିସ ୪୫ ରନ କରିଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ। ଘରୋଇ ଶ୍ରୀଲଙ୍କା ଦଳର ଅଧିନାୟକ ଚରିଥ ଆଶାଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ବ୍ୟାଟିଂ ଆରମ୍ଭ କରିଥିଲା। ଧାର୍ଯ୍ୟ ୨୦ ଓଭରରେ ଟିମ୍ ଇଣ୍ଡିଆ ୭ ୱିକେଟ ହରାଇ ୨୧୩ ରନ କରିଥିଲା। ଫଳରେ ଶ୍ରୀଲଙ୍କା ପାଇଁ ବିଜୟ ଲକ୍ଷ୍ୟ ୨୧୪ ରନ ରହିଥିଲା। ଟିମ୍ ଇଣ୍ଡିଆ ପକ୍ଷରୁ ଶୁଭମନ ଗିଲ୍ ୩୪ ରନ କରିଥିବାବେଳେ ଯଶସ୍ୱୀ ଜୟସ୍ୱାଲ ୪୦ ରନ କରିଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ୫୮ ରନ୍, ଋଷଭ ପନ୍ତ ୪୯ ରନ , ହାର୍ଦ୍ଦିକ ପାଣ୍ଡ୍ୟା ୯ ରନ୍, ରିୟାନ ପରାଗ ୭ ରନ୍, ରିଙ୍କୁ ସିଂ ୧ ରନ , ଅକ୍ଷର ପଟେଲ ୧୦ ରନ ଏବଂ ରବି ବିଶ୍ନୋଇ ୧ ରନ କରିଥିଲେ।

# ପ୍ୟାରିସ୍ ଅଲିମ୍ପିକ୍ସରେ ଉଡ଼ିଲା ତ୍ରିରଙ୍ଗା : କୁର୍ତ୍ତା, ଶାଢ଼ୀରେ ଭାରତୀୟ ଖେଳାଳିଙ୍କ ପରେଡ୍

**ପ୍ୟାରିସ**

ପ୍ୟାରିସ୍ ଅଲମ୍ପିକ୍ସ ଉଦ୍‌ଘାଟନୀ ସମାରୋହରେ ଫରଫର ହୋଇ ଉଡ଼ିଲା ତ୍ରିରଙ୍ଗା। ଭାରତୀୟ କଣ୍ଟିନଜେଣ୍ଟର ନେତୃତ୍ୱ ନେଇ ଫ୍ଲାଗ୍ ବିୟରର ସାଜିଲେ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ ଓ ଟେବୁଲ ଟେନିସ୍ ଲିଜେଣ୍ଡ ଅଚନ୍ତା ଶରତ କମଳ।

ତ୍ରିରଙ୍ଗା ଥିମ କୁର୍ତ୍ତା ଓ ଶାଢ଼ୀରେ ନଜର ଆସିଥିଲେ ଭାରତର ୭୮ ଖେଳାଳି। ପ୍ୟାରିସ୍ ମଝି ଦେଇ ବହି ଯାଇଥିବା ସେନ ନଦୀରେ ନୌକାରେ ଦେଶମାନଙ୍କର ପରେଡ୍ ଅନୁଷ୍ଠିତ ହୋଇଥିଲା। ଭାରତୀୟ



ଖେଳାଳି ଓ ଷ୍ଟାଫମାନେ ହାତରେ ତ୍ରିରଙ୍ଗା ଧରି ଏଥିରେ ସାମିଲ ହୋଇଥିଲେ।

ପ୍ୟାରିସ୍ ଅଲିମ୍ପିକ୍ସରେ ଚଳିତଥର ଭାରତରୁ ଭାଗ ନେଇଛନ୍ତି ସର୍ବାଧିକ ୧୧୭ ଜଣିଆ କଣ୍ଟିନଜେଣ୍ଟ। ସେଥିରେ ୪୭ ଜଣ ମହିଳା ଓ ୭୦ ପୁରୁଷ କ୍ରୀଡ଼ାବିତ୍ ଅଛନ୍ତି। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଶୁକ୍ରବାର ରାତିରେ ବାଜିଥିଲା ବିଶ୍ୱ କ୍ରୀଡ଼ା ମହାକୁମ୍ଭର ବିଗୁଲ୍। ମହାସମାରୋହରେ ଆରମ୍ଭ ହେଇଛି ପ୍ୟାରିସ ଅଲିମ୍ପିକ୍ସ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ବିଧିବଦ୍ଧ ଘୋଷଣା ପରେ ଆରମ୍ଭ ହୋଇଛି ପ୍ୟାରିସ୍ ଅଲିମ୍ପିକ୍ସ।

ରଙ୍ଗାରଙ୍ଗ ଉଦ୍‌ଘାଟନୀ ସମାରୋହରେ ସେନ୍ ନଦୀ ଉପରେ ଦେଖିବାକୁ ମିଳିଥିଲା। ଦେଶମାନଙ୍କର ଫ୍ଲୋଟିଂ ପରେଡ୍ ବୋଟ୍ ଡେକ୍‌ରେ କ୍ରୀଡ଼ାବିତ୍‌ମାନେ ନିଜ ନିଜ ଦେଶକୁ ପ୍ରତିନିଧିତ୍ୱ କରିଥିବା ବେଳେ, ଲେଡି ଗାଗାଙ୍କ ଭଳି ଖ୍ୟାତନାମା ସେଲିବ୍ରିଟିଙ୍କ ନାଚଗୀତରେ ଦୁଲୁକିଥିଲା ଷ୍ଟେଜ୍।

# ବ୍ୟାଡ୍‌ମିଣ୍ଟନରେ ଲକ୍ଷ୍ୟ ଓ ଟିଟିରେ ଜିତିଲେ ହରମୀତ



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରୁ ଭାରତ ପାଇଁ ଆସିଛି ଡବଲ ଖୁସି ଖବର। ଟେବୁଲ ଟେନିସ୍ ଓ ବ୍ୟାଡ୍‌ମିଣ୍ଟନରେ କମାଲ କରିଛନ୍ତି ଭାରତୀୟ ଖେଳାଳି। ବ୍ୟାଡ୍‌ମିଣ୍ଟନରେ ଲକ୍ଷ୍ୟ ସେନ ଓ ଟେବୁଲ ଟେନିସ(ଟିଟି) ହରମୀତ ଦେଶାଇ ନିଜ ନିଜର ପ୍ରଥମ ମ୍ୟାଚ୍ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଅଲିମ୍ପିକ୍ସ ଡେବ୍ୟୁଟାଣ୍ଟ ଲକ୍ଷ୍ୟ ସେନ ଗ୍ରୁପ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଗୁଏତଲାମାର କେଭିନ କୋର୍ଡନଙ୍କୁ ଭେଟିଥିଲେ। ଏହି ମ୍ୟାଚ୍‌କୁ ସେ ୨-୦ରେ ଜିତି ନେଇଛନ୍ତି। ମ୍ୟାଚ୍ ଆରମ୍ଭରୁ ଲକ୍ଷ୍ୟ ନିଜର ଦବ୍‌ଦବା ଦେଖାଇଥିଲେ।

ପ୍ରଥମ ସେଟ୍‌କୁ ସେ ୨୧-୮ରେ ଜିତି ନେଇଥିଲେ। କିନ୍ତୁ ଦ୍ୱିତୀୟ ସେଟ୍‌ରେ କେଭିନ ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ଏପରିକି ଦ୍ୱିତୀୟ ସେଟ୍‌ର ପ୍ରଥମ ହାଫ କେଭିନଙ୍କ ସପକ୍ଷରେ ଯାଇଥିଲା। ହେଲେ ପଛରେ ପଡ଼ିଥିବା ଲକ୍ଷ୍ୟ ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। ଏଥିସହ କଡ଼ା ସଂଘର୍ଷ କରି ଦ୍ୱିତୀୟ ସେଟ୍‌କୁ ୨୨-୨୦ରେ ଜିତି ନେଇଥିଲେ। ଏବେ ସେ ନିଜର ଦ୍ୱିତୀୟ ମ୍ୟାଚ୍ ସମ୍ଭବତଃ ୨୯ ତାରିଖରେ ଖେଳିବେ। ଅନ୍ୟପକ୍ଷରେ ଟେବୁଲ ଟେନିସ୍‌ରେ ଭାରତର ହମୀତ ଦେଶାଇ ୪-୦ରେ ଜୋର୍ଡାନର ଅବୋ ୟାମନ ଜୈଦଙ୍କୁ ହରାଇ ରାଉଣ୍ଡ ୬୪ରେ ପହଞ୍ଚିଛନ୍ତି। ହରମୀତ ପ୍ରଥମ ସେଟ୍‌କୁ ୧୧-୭, ଦ୍ୱିତୀୟ ସେଟ୍‌କୁ ୧୧-୯, ତୃତୀୟ ସେଟ୍‌କୁ ୧୧-୫ ଓ ୪ର୍ଥ ସେଟ୍‌କୁ ୧୧-୫ରେ ଜିତି ନେଇଥିଲେ। ଏବେ ତାଙ୍କର ମୁକାବିଲା ରାଉଣ୍ଡ ୬୪ରେ ଫ୍ରାନ୍ସର ଲେବର୍ଣ୍ଣଙ୍କ ସହ ହେବ।

# ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ଜିତିଲା ଚାଇନା



**ପ୍ୟାରିସ୍**

ପ୍ୟାରିସରେ ଚାଲିଥିବା ୨୦୨୪ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛି ଚାଇନା। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଇଭେଣ୍ଟରେ ଚାଇନା ଟିମ୍ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ କବ୍‌ଜା କରିଛି। ସେହିପରି କୋରିଆ ରୌପ୍ୟ ପଦକ ଜିତିଥିବା ବେଳେ କାଜାଖସ୍ତାନ ବ୍ରୋଞ୍ଜ ପଦକ ହାତେଇଛି। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ କାଜାଖସ୍ତାନ ୧୭-୫ରେ ଜର୍ମାନୀକୁ ହରାଇ ଦେଇଛି। କାଜାଖସ୍ତାନ ଶୁଟର ଆଲେକ୍ସଣ୍ଡ୍ରା ଲେ ଓ ଇସଲାମ ସତପେଭ ବ୍ରୋଞ୍ଜ ପଦକ ଜିତିଛନ୍ତି। ବ୍ରୋଞ୍ଜ ପଦକ ଲଢ଼େଇ ପରେ ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଚାଇନା ଖେଳାଳି ୧୬-୧୨ରେ କୋରିଆକୁ ପରାସ୍ତ କରିଛନ୍ତି।

ଚାଇନାର ହୁଆଙ୍ଗ ୱୁଟିଙ୍ଗ ଓ ଶେଙ୍ଗ ଲିହାଓ କୋରିଆର କିମ ଜି ଓ ପାର୍କ ହାଉଜୁନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସ: ସୁଟିଂ ଫାଇନାଲରେ ପ୍ରବେଶ କଲେ ମନୁ ଭାକର୍

**ପ୍ୟାରିସ୍**

ପ୍ୟାରିସ୍‌ରେ ଚାଲିଥିବା ଅଲିମ୍ପିକ୍ସରୁ ଭାରତ ପାଇଁ ଭଲ ଖବର ଆସିଛି। ଯୁବ ମହିଳା ସୁଟର ମନୁ ଭାକର ୧୦ ମିଟର ଏୟାର ପିସ୍ତଲର ଫାଇନାଲରେ ପ୍ରବେଶ କରିଛନ୍ତି। ଏହାର ଅର୍ଥ ସେ ଭାରତ ପାଇଁ ପଦକ ଜିତିବାର ସୁଯୋଗ ସୃଷ୍ଟି କରିଛନ୍ତି। ଶନିବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ସେ ତୃତୀୟ ସ୍ଥାନରେ ରହିବାରୁ ଏପରି ସଫଳତା ପାଇଛନ୍ତି। ସେ ୨୭ଟି ଇନର ୧୦ ସଟ୍ ମାରିଛନ୍ତି। ଦୁଇ ଭାରତୀୟଙ୍କ ସମେତ ମୋଟ୍ ୪୫ ଜଣ ଖେଳାଳି ଯୋଗ୍ୟତା ପର୍ଯ୍ୟାୟରେ ଭାଗ ନେଇଥିଲେ।

୨୨ ବର୍ଷୀୟ ମନୁ ଭାକରର ଦ୍ୱିତୀୟ ସିରିଜ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୯୭ ପଏଣ୍ଟ ହାସଲ କରିଥିଲେ। ୬ ସିରିଜ୍ ଇଭେଣ୍ଟର ହାଫ ଟାଇମ ସୁଦ୍ଧା ସେ ମୋଟ୍ ୩୦୦ରୁ ୨୯୨ ପଏଣ୍ଟ ହାସଲ କରି ନିଜକୁ ଟପ୍ ୮ରେ ରଖିବାକୁ ସକ୍ଷମ ହୋଇଥିଲେ। କାରଣ ଟପ୍ ୮ରେ ରହୁଥିବା



ଖେଳାଳିମାନେ ହିଁ ମେଡାଲ ଦୌଡ଼ରେ ରହିବେ। ହେଲେ ମନୁ ଭାକର ସିଧା ତୃତୀୟ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ମନୁ ଭାକର ଯୋଗ୍ୟତା ପର୍ଯ୍ୟାୟରୁ ଆଗକୁ ଯାଇ ପାରି ନଥିଲେ। କିନ୍ତୁ ଏଥର ସେ ଭାରତ ପାଇଁ ପଦକ ଜିତିବାର ସୁଯୋଗ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷରେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତ ପାଇଁ ରିଦମ ସାଙ୍ଗାନ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ସେ ୧୫ତମ ସ୍ଥାନରେ ନିଜର ଅଭିଯାନ ଶେଷ କରିଛନ୍ତି। ସେ ୧୫ତମ ସ୍ଥାନରେ ରହିବାରୁ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି।

ଏହାପୂର୍ବରୁ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସରବଜୋତ ସିଂହ ଓ ଅର୍ଜୁନ ସିଂହ ଚୀମା ନିରାଶ କରିଥିଲେ। ଶ୍ରୀ ସିଂହ ୫୭୭ ପଏଣ୍ଟ ସହ ୯ମ ସ୍ଥାନରେ ଓ ୫୭୪ ପଏଣ୍ଟ ସହ ଚୀମା ୧୮ତମ ସ୍ଥାନରେ ରହିଥିଲେ। ଉଭୟ ଟପ୍ ୮ରେ ରହିବାକୁ ସକ୍ଷମ ନ ହେବାରୁ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସର୍ବଜୋତ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ରହିଥିଲା। କାରଣ ସେ ଓ ଜର୍ମାନୀର ରବିନ ୱାଲ୍ଟର ସମାନ ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଗୋଟିଏ ଇନର ୧୦ ପାଇଁ ରବିନ ଟପ୍ ୮ ଓ ସର୍ବଜୋତ ୯ମ ସ୍ଥାନରେ ରହିଥିଲେ।

## ପ୍ରଥମ ମ୍ୟାଚ୍‌ରେ ବାଜି ମାରିନେଲେ ସାତ୍ୱିକ ଓ ଚିରାଗ ଯୋଡ଼ି

**ପ୍ୟାରିସ୍**

ଭାରତୀୟ ବ୍ୟାଡ୍‌ମିଣ୍ଟନର ଷ୍ଟାର ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସ ଅଲିମ୍ପିକ୍ସରେ ଆରମ୍ଭରୁ ନିଜର ଦବ୍‌ଦବା ଦେଖାଇଛନ୍ତି। ଏହି ଭାରତୀୟ ଯୋଡ଼ି ନିଜର ପ୍ରଥମ ମ୍ୟାଚ୍‌କୁ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଉଭୟଙ୍କ ମୁକାବିଲା ଫ୍ରାନ୍ସର ଲୁକାସ କୋରଭୀ ଓ ରୋନାନ ଲାବାରଙ୍କ ସହ ହୋଇଥିଲା।

ବିଶ୍ୱ ର୍‍ୟାଙ୍କିଙ୍ଗର ୩ ନମ୍ବର ସିଡ୍ ସାତ୍ୱିକ ଓ ଚିରାଗ ବେଶ୍ ସହଜରେ ଏହି ମ୍ୟାଚ୍‌କୁ ୨-୦ରେ ଜିତି ନେଇଛନ୍ତି। ଆରମ୍ଭରୁ ହିଁ ଭାରତୀୟ ଯୋଡ଼ି ଦମ୍‌ଦାର ପ୍ରଦର୍ଶନ କରିଥିଲେ। ପ୍ରଥମ ସେଟ୍‌କୁ ଅତି ସହଜରେ ଉଭୟ ୨୧-୧୭ରେ ଜିତି ନେଇଥିଲେ।

ଦ୍ୱିତୀୟ ସେଟ୍ ଆରମ୍ଭରୁ ଫ୍ରାନ୍ସ ଯୋଡ଼ି ସାମାନ୍ୟ ଆଗେଇ ଯାଇଥିଲେ। କିନ୍ତୁ ସାତ୍ୱିକ ଓ ଚିରାଗ କମ୍‌ବ୍ୟାକ୍ କରିବା ସହ ପୂରା ସେଟ୍‌କୁ ୱାନ ସାଇଡ୍ କରି ଦେଇଥିଲେ। ଶେଷରେ ୨୧-୧୪ରେ ଏହାକୁ କରାୟତ୍ତ କରିଥିଲେ। ଏଥିସହ ମ୍ୟାଚ୍‌କୁ ମଧ୍ୟ ଜିତି ନେଇଥିଲେ। ୧ ଘଣ୍ଟାରୁ କମ୍ ସମୟ ମଧ୍ୟରେ ମ୍ୟାଚ୍ ଜିତି ଉଭୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।



## ସାମ୍ବାଦିକା ମଧୁମିତା ଆତ୍ମହତ୍ୟା ମାମଲା ଘଟଣା

# ଭଉଣୀ ପୂଜାରାଣୀଙ୍କ ଦାବି : ସ୍ୱାମୀ ଶ୍ରୀଧରଙ୍କ ସହ ତାଙ୍କ ଭାଇ ଓ ଦୁଇଜଣ ଝିଅ ଦାୟୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାମ୍ବାଦିକା ମଧୁମିତା ପରିଡ଼ା ଆତ୍ମହତ୍ୟା ମାମଲାରେ ଆସିଛି ନୂଆ ତଥ୍ୟ। ମୃତ୍ୟୁ ପୂର୍ବରୁ ଭଉଣୀଙ୍କ ସହ ହୋଇଥିବା ଶେଷ ହ୍ୱାଟ୍ସଆପ୍ ଚାଟିଂ ଏବେ ସାମ୍ନାକୁ ଆସିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ କେଉଁ ଯୁବତୀଙ୍କ ସହ ତାଙ୍କ ସ୍ୱାମୀ ଶ୍ରୀଧର ଜେନା କଥା ହେଉଥିଲେ ସାମ୍ବାଦିକା ମଧୁମିତା ନିଜ ଭଉଣୀ ଆଗରେ ସବୁ ବଖାଣିଥିଲେ। ସ୍ୱାମୀଙ୍କ ଅନ୍ୟ ଯୁବତୀଙ୍କ ସହ ଥିବା ପ୍ରେମ କାହାଣୀ ଭଉଣୀଙ୍କୁ କହିଥିଲେ। ଏପରିକି ନିଜ ସାଙ୍ଗକୁ କିଭଳି ପ୍ରେମ ଜାଲରେ ଫସାଉଥିଲେ ସେନେଇ ମଧ୍ୟ ଚାଟିଂରେ ଉଲ୍ଲେଖ କରିଥିଲେ ମଧୁମିତା। ତାଙ୍କୁ ଯେମିତି ଫସାଇଥିଲେ ତାଙ୍କର ସାଙ୍ଗକୁ ସେହିଭଳି ଫସାଇଥିବା ଚାଟିଂରେ କହିଛନ୍ତି ମଧୁମିତା। ଏଭଳି କହି ଶ୍ରୀଧର ତାଙ୍କୁ ମଧ୍ୟ ଫସାଇଥିଲେ। ଛାଡ଼ପତ୍ର ଦେଇ ତାଙ୍କ ସାଙ୍ଗଙ୍କ ସହ



ଶ୍ରୀଧର ବିଦେଶ ପଳାଇବେ ବୋଲି ଯୋଜନା କରିଥିବା ମଧୁମିତା ତାଙ୍କ ଚାଟିଂରେ କହିଥିଲେ। ଏଭଳି ସବୁ ନିର୍ଯାତନା ସହ୍ୟ କରିବା ପରେ ସେ ଆତ୍ମହତ୍ୟା କରିଥିବା ମଧୁମିତାଙ୍କ ଭଉଣୀ ପୂଜାରାଣୀ କହିଛନ୍ତି। ସେ କହିଛନ୍ତି ଯେ, କେବଳ ମଧୁମିତାଙ୍କ ସ୍ୱାମୀ ଶ୍ରୀଧର ଏକା ଦାୟୀ ନୁହନ୍ତି ତାଙ୍କ ଭାଇ ଏବଂ ସେ ଦୁଇ ଜଣ ଝିଅ ମଧ୍ୟ ଦାୟୀ। ତେଣୁ ସେମାନଙ୍କୁ ଥାନାକୁ ଡକାଯାଇ ଜେରା କରାଗଲେ ସବୁ ସତ ପଦାକୁ ଆସିବ। ଏହା ପଛରେ ତାଙ୍କ ଭଉଣୀଙ୍କର ଦୁଇ ଜଣ ସାଙ୍ଗ ଅଛନ୍ତି। ସେମାନେ ମୋ ଭଉଣୀ ଆତ୍ମହତ୍ୟା ପାଇଁ ଦାୟୀ ବୋଲି ସେ କହିଛନ୍ତି। ସେମାନଙ୍କ ପାଇଁ ଏହି ଦୁଇ ଝିଅଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି। ତାଙ୍କ ଭଉଣୀ ଆତ୍ମହତ୍ୟା ପାଇଁ ମୁଖ୍ୟ ସ୍ୱାଗତିକା ଦାୟୀ ବୋଲି ତାଙ୍କ ଭଉଣୀ କହିଛନ୍ତି।

ଅନ୍ୟପଟରେ ଗିରଫ ହୋଇ ଜେଲ୍ ଯାଇଥିବା ଶ୍ରୀଧର ପାଇଁ କାଳ ହେବ ମଧୁମିତାଙ୍କ ଶେଷ ଭିଡିଓ। ମୁଖ୍ୟ ପ୍ରମାଣ ଭାବେ ପୁଲିସ ଏହି ଭିଡିଓକୁ ଗ୍ରହଣ କରିଛି। ଏଥିସହ ତାଙ୍କ ଭଉଣୀ ସହ ମଧୁମିତା ଚାଟିଂର ସ୍କ୍ରିନ୍‌ସଟ୍ ମଧ୍ୟ ଡିଜିଟାଲ ପ୍ରମାଣ ଆକାରରେ ନେଇଛି ପୁଲିସ। ଯେକୌଣସି ବ୍ୟକ୍ତି ମୃତ୍ୟୁ ପୂର୍ବରୁ ଦେଇଥିବା ବୟାନ ତଥା ଚିଠି, ଭିଡିଓ ଆଦିକୁ ଡାଇଙ୍ଗ ଡିକ୍ଲାରେସନ୍ ଭାବେ ଗ୍ରହଣ କରାଯାଇଛି। ମଧୁମିତାଙ୍କ ୪ ମିନିଟ୍ ଭିଡିଓକୁ ପୁଲିସ ଡାଇଙ୍ଗ ଡିକ୍ଲାରେସନ୍ ଭାବେ ଗ୍ରହଣ କରାଯାଇଛି ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଯଦି ମଧୁମିତା ମାମଲାରେ ଶ୍ରୀଧର ଦୋଷୀ ସାବ୍ୟସ୍ତ ହେବେ ଭାରତୀୟ ନ୍ୟାୟ ସଂହିତା ୧୦୮ ଆଧାରରେ ତାଙ୍କ ୧୦ ବର୍ଷ ଜେଲ୍ ଦଣ୍ଡ ସହ ଜରିମାନା ହୋଇପାରେ ବୋଲି ଆଇନଜୀବୀ ମତ ଦେଇଛନ୍ତି । ଅନ୍ୟପଟେ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି ମଧୁମିତାଙ୍କ ସ୍କୁଟି। କାରଣ ସେ ମାଉସୀ ମା' ମନ୍ଦିର ନିକଟରେ ତାଙ୍କ ସ୍କୁଟି ରଖି ବ୍ରିଜ୍ ଉପରୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। କିନ୍ତୁ ମଧୁମିତାଙ୍କ ସ୍କୁଟି ଏବେବି ମିଳିପାରି ନାହିଁ। ତେଣୁ ଏହି ସ୍କୁଟିକୁ କିଏ ଲୁଚାଇ ଦେଇଛି ନା, କେହି ଚୋରିକରି ନେଇଛନ୍ତି। ସେନେଇ ପୁଲିସ ତଦନ୍ତ କରୁଛି। ସିସିଟିଭି ଫୁଟେଜ୍ ଆଧାରରେ ସ୍କୁଟିକୁ ଚିହ୍ନଟ କରୁଛୁ ବୋଲି ଡିସିପି କହିଛନ୍ତି।

# ଆଇନଗତ ସୀମାରେ ରହି ମନ୍ତବ୍ୟ ଦେବାକୁ ମମତାଙ୍କୁ ହାଇକୋର୍ଟଙ୍କ ପରାମର୍ଶ

**କୋଲକାତା**



ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ବିବାଦ ବଢ଼ିବାରେ ଲାଗିଛି। ରାଜ୍ୟପାଳଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାର ଶୁଣାଣି କୋଲକତା ହାଇକୋର୍ଟରେ ହୋଇଛି। ଜଷ୍ଟିସ୍ ଆଇଟି ମୁଖାର୍ଜୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଶୁକ୍ରବାର ଆଇନଗତ ସୀମାରେ ରହି ମନ୍ତବ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ଏବଂ ଟିଏମ୍‌ସି ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଯେପରି ଏହା ଅପମାନଜନକ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। କୌଣସି ବ୍ୟକ୍ତି ପାଇଁ ତା'ର ସମ୍ମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହାକୁ ରକ୍ଷା କରିବା ପାଇଁ ଆଇନ ଶକ୍ତି ଯୋଗାଇ ଥାଏ। ସେହିପରି ଭାରତର ପ୍ରତ୍ୟେକ ନାଗରିକଙ୍କୁ ଅଭିବ୍ୟକ୍ତିରେ ମଧ୍ୟ ସ୍ୱାଧୀନତା ମିଳିଛି। ଏହାକୁ କ୍ଷୁଣ୍ଣ କରାଯାଇପାରିବ ନାହିଁ। ମାତ୍ର ଏଥିରେ କିଛି କଟକଣା ରହିଛି। ପ୍ରତ୍ୟେକ ଲୋକଙ୍କୁ ସତ ଜାଣିବାର ଏବଂ ଏହାକୁ ସାମ୍ନାକୁ ଆଣିବାର ଅଧିକାର ରହିଛି। ଅନ୍ୟପକ୍ଷରେ ମମତା ନିତି ଆୟୋଗ ବୈଠକରେ ସାମିଲ ହେବାକୁ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଏଥିରେ ଅନ୍ୟମାନଙ୍କ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ୫ ବର୍ଷରେ ବିଦେଶରେ ଯାଇଛି ୬୩୩ ଭାରତୀୟ ଛାତ୍ରଛାତ୍ରୀଙ୍କ ଜୀବନ

**ନୂଆଦିଲ୍ଲୀ**

ବିଦେଶରେ ଗତ ୫ ବର୍ଷ ଭିତରେ ଭାରତର ୬୩୩ ଛାତ୍ର-ଛାତ୍ରୀଙ୍କ ମୃତ୍ୟୁ ହୋଇଛି। କାନାଡ଼ାରେ ସର୍ବାଧିକ ୧୭୨, ଆମେରିକାରେ ୧୦୮, ବ୍ରିଟେନରେ ୫୮, ଅଷ୍ଟ୍ରେଲିଆରେ ୫୭, ରୁଷିଆରେ ୩୭, ଜର୍ମାନୀରେ ୨୪, ୟୁକ୍ରେନରେ ୧୮, ଜର୍ଜିଆ, ସାଇପ୍ରସ ଏବଂ କିର୍ଗିସ୍ତାନରେ ୧୨ ଜଣ ଲେଖାଏଁ, ଚୀନ୍‌ର ୮ ଜଣ ଛାତ୍ରଛାତ୍ରୀ ପ୍ରାଣ ହରାଇ ଥିଲେ। ଏହି ମୃତ୍ୟୁ ପଛରେ ପ୍ରାକୃତିକ, ଦୁର୍ଘଟଣା ଏବଂ ସ୍ୱାସ୍ଥ୍ୟଜନିତ ସହିତ ଅନେକ କାରଣ ରହିଛି। କେବଳ ଆତତାୟୀଙ୍କ ଆକ୍ରମଣରେ କାନାଡ଼ାରେ ୧୯ ଜଣ ଏବଂ ଆମେରିକାରେ ୯ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଥିଲା। ଶୁକ୍ରବାର ଲୋକସଭାରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି। ସେହିପରି ଗତ ତିନି ବର୍ଷରେ ୪୮ ଛାତ୍ରଛାତ୍ରୀ ଆମେରିକାରୁ ଫେରିଛନ୍ତି ବୋଲି ସେ କହିଛନ୍ତି ।

# ନୃତ୍ୟ ଶିଖାଉଥିବା ବେଳେ ଗୁରୁଙ୍କ ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ନୃତ୍ୟ ଶିଖାଉଥିବା ବେଳେ ଷ୍ଟେଜ୍ ଉପରେ ଟଳିପଡ଼ିଲେ ନୃତ୍ୟଗୁରୁ। ଯାଜପୁର ଜିଲ୍ଲା ଷଠିପୁରଠାରେ ଯାତ୍ରା ପରିବେଷଣ ନିମନ୍ତେ ଆଖଡ଼ାଶାଳରେ ଯାତ୍ରା ଅଭ୍ୟାସ କରୁଥିବା ଯାଜ୍ଞସେନୀ ଯାତ୍ରା ପାର୍ଟିର ରଙ୍ଗମଞ୍ଚରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ନୃତ୍ୟଗୁରୁ ପୀତବାସ ନାୟକ। ଏ ଘଟଣା ପଦାକୁ ଆସିବା ପରେ କଳାକାର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ପ୍ରତିଦିନ ଭଳି ଶୁକ୍ରବାର ସକାଳେ ପୀତବାସ ଯାଜ୍ଞସେନୀ ଯାତ୍ରା ପାର୍ଟିର ନାଟକ 'ଆଖିର ଦୋଷ ନାଁ ଲୁହର ଦୋଷ' ନାଟକ ପାଇଁ କଳାକାରଙ୍କୁ ନାଚ ଶିଖାଉଥିଲେ। ଏହି ସମୟରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଷ୍ଟେଜ୍ ଉପରେ ଅଚେତ ହୋଇ ପଡ଼ିଯାଇଥିଲେ। ନିର୍ଦ୍ଦେଶକ ତଥା ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସାଥି କଳାକାରଙ୍କ ସହାୟତାରେ ପୀତବାସଙ୍କୁ ପାଣିକୋଇଲି ମେଡିକାଲ ଓ ପରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୀତବାସଙ୍କ ମୃତ୍ୟୁକୁ ନେଇ ସମଗ୍ର ଯାତ୍ରା କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାରର ଘଟଣାକୁ ନେଇ ବରିଷ୍ଠ ଅଭିନେତା ଓ ଯାତ୍ରା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଦୁଃଖ ପ୍ରକାଶ କରିଛନ୍ତି।

# ଅନ୍‌ଲାଇନ୍ ବେଟିଂ କରି ଗାଈ ଚରାଳି ପାଲଟିଲେ କୋଟିପତି

**ବଣାଇ, ନ୍ୟୁଜ୍‌ବ୍ୟୁରୋ**

ଦିନେ ଗାଈ ଚରାଉଥିଲେ, ଆଜି କୋଟିପତି। ଆଖି ଖୋସି ହେବା ଭଳି ବହୁତଳ କୋଠା ସାଙ୍ଗକୁ ଦାମୀ ମୋବାଇଲ, ବାଇକ୍, କାର୍ ଓ ଆହୁରି କେତେ କ'ଣ...। ଏସବୁ କେବଳ ଅନ୍‌ଲାଇନ୍ ଗେମ୍ସରେ ବେଟିଂ କରି। ଶୁକ୍ରବାର ସକାଳେ ବଣାଇଁ ଥାନା ଅନ୍ତର୍ଗତ ବଡ଼ ଗୋଗୁଆ ଗ୍ରାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ଧରଣର ଚଢ଼ଉରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ମନି ଲଣ୍ଡରିଂ ଲିଙ୍କ୍‌ରେ ହୋଇଥିବା ଏହି ଚଢ଼ଉରେ କୋଲକାତାରୁ ୮ଟି ଗାଡ଼ିରେ ପୁଲିସ ଫୋର୍ସ ସହ ୪୦ଜଣିଆ ଟିମ୍ ଗୋଗୁଆରେ ପହଞ୍ଚି ଖୋଳତାଡ଼ କରିଥିଲେ। ଏହି ମାମଲାରେ ଇଡି ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୨ଟି ସ୍ଥାନରେ ଇଡ଼ି ଚଢ଼ଉ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ବଣାଇଁ ଅଞ୍ଚଳର ଗୋଗୁଆ, ଜାଙ୍ଗଡ଼ା, ଜର୍କୈକଳା, ତଳିତ ଆଦି ବିଭିନ୍ନ ଗ୍ରାମରେ ଯୁବକମାନେ ଫ୍ରି'-ଉଇନ ନାମକ ଏକ ଅନଲାଇନ୍ ଗେମ୍ ମାଧ୍ୟମରେ କୋଟି କୋଟି ଟଙ୍କା କାରବାର କରିଥିବା ଇଡି ସୂଚନା ପାଇଥିଲା। ଏହି ସୂଚନା ଆଧାରରେ ଇଡି ଟିମ୍ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅରୁଣ ସାହୁ, ଶିଶିର ପ୍ରଧାନ, ଆଲୋକ ସାହୁ, ଅରୁଣ ରାଉତ, ନାରାୟଣ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ୬ଜଣଙ୍କ ଘରେ ପ୍ରଥମେ ଯାଞ୍ଚ ଆରମ୍ଭ କରିଥିଲା। ଅନ୍‌ଲାଇନ୍ ଗେମ୍‌ରେ କୋଟିକୋଟି ଟଙ୍କା ବେଟିଂ କରି ଅଭିଯୁକ୍ତମାନେ ନିର୍ମାଣ କରିଥିବା ବହୁତଳ ବିଶିଷ୍ଟ କୋଠା ଦେଖି ଇଡି ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ୫/୬ବର୍ଷ ପୂର୍ବରୁ ଗୋଗୁଆ ଗ୍ରାମର କେତେକ ଯୁବକ ଏହି



ଅନଲାଇନ୍ ଗେମ୍ ଖେଳିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା କାୟା ବିସ୍ତାର କରି ଆଖପାଖ ଗାଁକୁ ବ୍ୟାପିଯିବା ପରେ ଧୀରେଧୀରେ ସେଥିରେ ଅନେକ ଯୁବକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ସାଧାରଣ ଗାଈ ଚରାଳି ଘରର ପିଲା ଥିଲେ। ମୁଖ୍ୟ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର ହେବାରୁ ଏହା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ଘେରକୁ ଆସିଥିଲା। କେତେକ ସ୍ଥାନରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆକାଉଣ୍ଟ୍ ସିଜ୍ କରିଦେଲେ ଅଭିଯୁକ୍ତମାନେ ଅନ୍ୟ ବ୍ୟାଙ୍କ୍ ଆକାଉଣ୍ଟ ଖୋଲି କାରବାର ଜାରି ରଖୁଥିଲେ। ଉକ୍ତ ଟଙ୍କାରେ କୋଠାବାଡ଼ି, ବାଇକ୍, ଦାମୀ ମୋବାଇଲ ଆଦି କିଣିଥିଲେ। ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଅଭିଯୁକ୍ତମାନେ ରାଉରକେଲା, ଦେବଗଡ଼, ଭୁବନେଶ୍ୱରରେ ରହି ଏହି କାର୍ଯ୍ୟ ଜାରି ରଖୁଥିଲେ। ଅଭିଯୁକ୍ତମାନେ କେବେ ଗାଁକୁ ଆସନ୍ତି ଓ ଯାଆନ୍ତି ତାହା କେହି ଜାଣିପାରୁ ନ ଥିଲେ। ଦୀର୍ଘ ଦିନ ଧରି ଏସବୁ କାରବାର ଚାଲିଥିଲେ ମଧ୍ୟ ସବୁ ଜାଣି ସ୍ଥାନୀୟ ପୁଲିସ ଚୁପ୍ ରହିଥିବା ସେତେବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହି ଚଢ଼ଉ ପରେ ବଣାଇଁର ଅନ୍ୟାନ୍ୟ ଗ୍ରାମରେ ଏହି ଖେଳରେ ସାମିଲ ଥିବା ଯୁବକମାନଙ୍କ ମନରେ ଛନକା ପଶିଛି।

# ରାଜ୍ୟରେ ଶତାଧିକ କ୍ୟାମ୍ପସରେ +୩ ଓ +୨ ଅଲଗା ହୋଇନଥିବାରୁ ପାଠପଢ଼ା ବାଧାପ୍ରାପ୍ତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୋଟିଏ କ୍ୟାମ୍ପସ୍‌ରେ ରହିଛି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨) ଏବଂ ଡିଗ୍ରୀ (+୩) ମହାବିଦ୍ୟାଳୟ। ୨୦୧୫ ମସିହାରୁ ଉଭୟ କ୍ୟାମ୍ପସ୍‌କୁ ଅଲଗା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ଏଯାଏଁ ସରିନି ପୃଥକିକରଣ ପ୍ରକ୍ରିୟା। ରାଜ୍ୟରେ ୨ଶହରୁ ଅଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୋଟିଏ କ୍ୟାମ୍ପସ୍‌ରେ ରହିଛି। ହେଲେ ଅଦ୍ୟାବଧି ମାତ୍ର ୧୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୩ ମହାବିଦ୍ୟାଳୟ ଠାରୁ ଅଲଗା ହୋଇଛି। ଆଉ ୯ଟି କ୍ୟାମ୍ପସ୍‌ରେ ପୃଥକୀକରଣ ପାଇଁ ସରକାରୀ ଅନୁମୋଦନ ପ୍ରଦାନ କରାଯାଇଥିବା ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଆହୁରି କହିଛନ୍ତି, ଆଗାମୀ ଦିନରେ ଅବଶିଷ୍ଟ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକ ଡିଗ୍ରୀ କଲେଜ କ୍ୟାମ୍ପସ୍ ଠାରୁ ପୃଥକୀକରଣ ପାଇଁ ସବିଶେଷ ପ୍ରସ୍ତାବ ବିଭାଗର ହସ୍ତଗତ ହେବା ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ପୃଥକୀକରଣ ନିଷ୍ପତ୍ତିକୁ ୯ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଶତାଧିକ +୩ କ୍ୟାମ୍ପସ୍‌ରୁ +୨ ଅଲଗା ହୋଇପାରିନାହିଁ। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାପକ ଅସୁବିଧା ହେଉଛି। ରାଜଧାନୀର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଦ୍ୟାଳୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ପଢ଼ାଯାଉଛି। ଆବଶ୍ୟକ ଜାଗା ଅଭାବରୁ ପାଳି କରି ପାଠପଢ଼ା ହେଉଛି। ସକାଳ ୭ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ +୨ ପିଲାଙ୍କୁ ପଢ଼ାଯାଉଥିବାବେଳେ ଏହାପରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଛି। ମାତ୍ର ସାଢ଼େ ୩ ଘଣ୍ଟାର ପାଠପଢ଼ା ହେଉଥିବାରୁ +୨ ପାଠପଢ଼ା ବ୍ୟାପକ ପ୍ରଭାବିତ ହେଉଛି। ଚଳିତ ବର୍ଷ କଟ୍‌ଅଫ୍ ମାର୍କ ମଧ୍ୟ କମିଛି। କେବଳ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ଥିବା ପ୍ରାୟ ୨୦ଟି ମହିଳା ମହାବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଲଗା ହୋଇ ନାହିଁ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଥିବା ପ୍ରାୟ ୫୬ଟି ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ +୨ ଶିକ୍ଷାଦାନ କରାଯାଉଛି। ରାଜ୍ୟରେ ଶତାଧିକ କ୍ୟାମ୍ପସ୍‌ରେ +୩ ଓ +୨ ଅଲଗା ହୋଇ ନ ଥିବାରୁ ପାଠପଢ଼ା ବ୍ୟାପକ ଭାବେ ବ୍ୟାଘାତ ହେଉଛି।

# ବିବାଦୀୟ ପରିସ୍ଥିତି ଯୋଗୁ ନାକା ଗେଟ୍‌ରେ ଅଟକିଛି ଶହଶହ ଆଳୁ ଟ୍ରକ୍

**ଜଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଳୁ ରପ୍ତାନୀକୁ ନେଇ ପଶ୍ଚିମବଙ୍ଗ ସରକାର ଓ ସେଠାକାର ଆଳୁ ବ୍ୟବସାୟୀ ମହାସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ନିଜ ରାଜ୍ୟର ଚାହିଦାକୁ ଲକ୍ଷ୍ୟ କରି ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ଉପରେ ରୋକ୍ ଲଗାଇଥିବା ବେଳେ ବ୍ୟବସାୟୀ ମହାସଂଘ ଏହାକୁ ବିରୋଧ କରୁଛି। ମହାସଂଘର କହିବା କଥା ହେଲା, ବାହାର ରାଜ୍ୟକୁ ରପ୍ତାନୀ କରାନଗଲେ, ଶୀତଳ ଭଣ୍ଡାରରେ ଜମାଥିବା ଆଳୁ ନଷ୍ଟ ହେବ ଏବଂ ଏଥିପାଇଁ ଚାଷୀ ଓ ବ୍ୟବସାୟୀମାନଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିବ। ଅପରପକ୍ଷେ ଏହି ମୁହାଁମୁହିଁ ପରିସ୍ଥିତି ଯୋଗୁଁ ଏବେ ଓଡ଼ିଶା ସୀମାନ୍ତରେ ଶହଶହ ଆଳୁ ଟ୍ରକ୍ ଅଟକି ରହିଛି।



ବ୍ୟବସାୟୀ ମହାସଂଘ ଓ ପଶ୍ଚିମବଙ୍ଗ ପ୍ରଶାସନ ମଧ୍ୟରେ ଉପରଠାଉରିଆ ଆଲୋଚନା ହୋଇଥିଲେ ମଧ୍ୟ ସେଥିରୁ କିଛି ନିଷ୍କର୍ଷ ବାହାରିପାରିନାହିଁ । ଫଳରେ ଉପାନ୍ତ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତାର ପୁଲିସ୍ ନାକା ପଏଣ୍ଟ, ଥାନା ଓ ତନଖି ଫାଟକଠାରେ ଛିଡ଼ା ହୋଇଥିବା ଶହଶହ ଆଳୁ ଟ୍ରକ୍ ଆଜି ବି ଆଗକୁ ଗଡ଼ିପାରିନାହିଁ। ପଶ୍ଚିମବଙ୍ଗର ୨୧ଟି ଜିଲ୍ଲା ମଧ୍ୟରୁ ବର୍ଦ୍ଧମାନ, ବାଙ୍କୁଡ଼ା, ହୁଗୁଳି ଓ ମେଦିନୀପୁର ଜିଲ୍ଲାରେ ବ୍ୟାପକ ଆଳୁଚାଷ ହୋଇଥାଏ। ଏହି ସବୁ ଜିଲ୍ଲାରେ ଘରୋଇ ଓ ସରକାରୀ ଭାବେ ଶୀତଳଭଣ୍ଡାରରେ ଆଳୁ ଗଚ୍ଛିତ ରହେ। କେତେକ ଚାଷୀ ମିଳିତ ଭାବେ ଓ ଅନ୍ୟ କେତେକ ବ୍ୟବସାୟୀ ଏହି ସବୁ ଶୀତଳ ଭଣ୍ଡାରକୁ ଲିଜ୍‌ରେ ନେଇ ଆଳୁ ରଖୁଥା'ନ୍ତି। ଆଳୁ ବ୍ୟବସାୟୀ ମହାସଂଘ ପରିସ୍ଥିତିକୁ ଲକ୍ଷ୍ୟ ରଖି ଆଳୁ ବିକ୍ରି ମୂଲ୍ୟର ଦାମ୍ ଧାର୍ଯ୍ୟ କରିଥାଏ। ପଶ୍ଚିମବଙ୍ଗ ସରକାର ନିଜ ରାଜ୍ୟରେ ଖାଉଟିଙ୍କୁ ଆଳୁ ୨୦ ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ବ୍ୟବସାୟୀ ସଂଘର ଜଣେ ମୁଖ୍ୟ ଦୁଲାଲ ଚରଣ ବାୟନ ଆଳୁର ଖର୍ଚ୍ଚ ବାବଦକୁ ପ୍ରାୟ ୨୩ ଟଙ୍କା ଖର୍ଚ୍ଚ ହେଉଥିବାରୁ କମ୍ ମୂଲ୍ୟରେ ଆଳୁ ବିକ୍ରି ସମ୍ଭବ ନୁହେଁ ବୋଲି କହିଥିଲେ। ଏହାକୁ ନେଇ ବିବାଦର ସୂତ୍ରପାତ ହେବାରୁ ୨୦ ତାରିଖ ପାଖରୁ ଓଡ଼ିଶାକୁ ଆଳୁ ପରିବହନ ବନ୍ଦ ରହିଛି। ତେଣୁ ଓଡ଼ିଶାରେ ଆଳୁର ମୂଲ୍ୟ ୫୦ ଟଙ୍କା ପହଞ୍ଚି ଯାଇଛି। ବ୍ୟବସାୟୀ ମହାସଂଘ ଓ ସରକାର ମଧ୍ୟରେ ଆପୋସ ସମାଧାନ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଆଳୁ ଓଡ଼ିଶାକୁ ଆସିବା ଲାଗି ଟ୍ରକଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରୁ ଛାଡ଼ିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଅଟକି ରହିଛି। ବିଶେଷତଃ ବାଇପାଟଣା, ଦାନ୍ତୁନ, ବେଲଦା, ନାରାୟଣଗଡ଼, ଦୀଘା, ଜାମଶୋଳ, ଚିରକୁଣ୍ଡା, କୁରୁଳିଆ, ମାଟିବେରୁଆଁ, ମକରମପୁର ଟୋଲ ପ୍ଲାଜା ଇତ୍ୟାଦି ସ୍ଥାନରେ ସରକାରଙ୍କ ସ୍ୱତନ୍ତ୍ର ଟାସ୍କଫୋର୍ସ ଆଳୁ ଟ୍ରକ୍‌ଗୁଡ଼ିକୁ ଅଟକ ରଖୁଛି । ଏକ ହିସାବରୁ ଜଣାଯାଇଛି ଯେ ଓଡ଼ିଶାକୁ ପ୍ରାୟ ପ୍ରତିଦିନ ପଶ୍ଚିମବଙ୍ଗରୁ ୬୦୦ ଟ୍ରକ୍‌ରେ ୧୨ହଜାର ଟନ୍ ଆଳୁ ଆସିଥାଏ। କିନ୍ତୁ ଦୀର୍ଘଦିନ ଧରି ଆଳୁ ଆସୁ ନଥିବାରୁ ଓଡ଼ିଶାରେ ମୂଲ୍ୟ ଅମୂଳ ରହିଛି। ରାସ୍ତାର ପ୍ରତ୍ୟେକ ନାକା ପଏଣ୍ଟଠାରେ ଆଳୁ ଟ୍ରକ୍ ଛିଡ଼ା ହୋଇଛି। କେତେକ ଅସାଧୁ ବ୍ୟବସାୟୀ ଉପାନ୍ତ ପଶ୍ଚିମବଙ୍ଗରୁ ଆଳୁଗୁଡ଼ିକୁ ପିକ୍‌ଅପ୍‌ରେ ଓଡ଼ିଶାକୁ ନେଉଛନ୍ତି।





### ୨୫ ତମ କାର୍‌ଗିଲ ବିଜୟ ଦିବସରେ ବିଜେପିର ବିଶାଳ ତ୍ରିରଙ୍ଗା ଯାତ୍ରା

# ୧୦୦୦ ମିଟର ଲମ୍ବ ତ୍ରିରଙ୍ଗା ପତାକାକୁ ଧରି ଚାଲିଲେ ଯୁବଗୋଷ୍ଠୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କାରଗିଲ ଯୁଦ୍ଧରେ ବିଜୟ ଲାଭ କରିବା ଭାରତୀୟ ଇତିହାସରେ ଏକ ଅବିସ୍ମରଣୀୟ ଦିନ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ଶତ୍ରୁପକ୍ଷକୁ ଧରାଶାୟୀ କରି ବିଜୟୀ ହୋଇଥିଲେ। ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ବୀର ସୈନିକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତକାଲି ଦେଶବ୍ୟାପୀ ୨୫ତମ କାର୍‌ଗିଲ "ବିଜୟ ଦିବସ" ପାଳନ କରାଯାଇଥିବା ବେଳେ ଶନିବାର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ୧୦୦୦ ମିଟର ଲମ୍ବ ତ୍ରିରଙ୍ଗା ପତାକାକୁ ଧରି ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବକ, ଯୁବତୀମାନେ ଭୁବନେଶ୍ୱରସ୍ଥିତ ବଡ଼ୈବାଙ୍କଛକରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ଉପସଭାପତି ତଥା ଯୁବମୋର୍ଚ୍ଚାର ପ୍ରଭାରୀ ବିରଂଚି ତ୍ରିପାଠୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳଙ୍କ ସମେତ ରାଜ୍ୟ ବିଜେପିର ବରିଷ୍ଠ ନେତା ଏବଂ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଲିଙ୍ଗରାଜମନ୍ଦିର ନିକଟସ୍ଥ ବଡ଼ୈବାଙ୍କଠାରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ଶ୍ରୀ ସାମଲ ଯୋଗଦେଇ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରେ କାର୍‌ଗିଲ ଦିବସ ଓ ତ୍ରିରଙ୍ଗା ଯାତ୍ରା ପାଳନ କରାଯାଇଛି। କାର୍‌ଗିଲ ଯୁଦ୍ଧରେ ସହୀଦ ହୋଇଥିବା ବୀର ସୈନିକମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ସେମାନଙ୍କ ବୀରତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଜାତୀୟ ପତାକା ହେଉଛି, ଦେଶବାସୀଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ। ଏହି ପତାକାକୁ ସମ୍ମାନର ସହ ଉଚ୍ଚସ୍ଥାନରେ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ତ୍ରିରଙ୍ଗା ମାଧ୍ୟମରେ ଜାତୀୟବାଦ, ରାଷ୍ଟ୍ରବାଦର ପ୍ରଚାର କରିବା ସହ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଇବା ଭାରତୀୟ ଜନତା ପାର୍ଟିର ଉଦ୍ଦେଶ୍ୟ ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ପଣ୍ଡା କହିଛନ୍ତି ଯେ, ଆଜିର ନୂତନ ଯୁବପିଢ଼ୀ କାର୍‌ଗିଲ ଯୁଦ୍ଧ ସମ୍ପର୍କରେ ଅବଗତ ନାହାନ୍ତି। ସେହି ଇତିହାସ ସହ ଯୁବପିଢ଼ୀକୁ ପରିଚିତ କରାଇବା ସହ ବଳିଦାନ ଦେଇଥିବା ସୈନିକମାନଙ୍କର ପରିବାରକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଯୁବମୋର୍ଚ୍ଚା ପକ୍ଷରୁ "ତ୍ରିରଙ୍ଗା ଶୋଭାଯାତ୍ରା" ଆୟୋଜନ କରାଯାଇଛି। "ଯେଉଁ ଜାତି ନିଜ ଇତିହାସକୁ ଭୁଲିଯାଏ ସେ ଇତିହାସ ହୋଇଯାଏ"। କାର୍‌ଗିଲ ବିଜୟର ୨୫ତମ ପୂର୍ତ୍ତି ଅବସରରେ ଦେଶର ଯୁବପିଢ଼ୀଙ୍କ ମନରେ ରାଷ୍ଟ୍ରବାଦ ଓ ଦେଶପ୍ରୀତି ଭାବନା ସୃଷ୍ଟି କରିବା ପାଇଁ ତ୍ରିରଙ୍ଗା ଯାତ୍ରା ତଥା ମଶାଲ ଶୋଭାଯାତ୍ରା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଦେଶ ମାତୃକା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହୀଦ ସଚ୍ଚିଦାନନ୍ଦ ମଲ୍ଲିକଙ୍କ ଧର୍ମପତ୍ନୀ ନିବେଦିତା ମଲ୍ଲିକ ଓ ସହୀଦ ଗୋପୀନାଥ ମହାରଣାଙ୍କ ଭାଇ ଲକ୍ଷ୍ମଣ ମହାରାଣାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିରଙ୍ଗା ଶୋଭାଯାତ୍ରା ପରେ ଦେବଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ମ୍ୟାଷ୍ଟରକ୍ୟାଂଟିନ୍ ଛକ ନିକଟରେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଦ୍ୱାରା ଏକ "ପଥପ୍ରାନ୍ତ ନାଟକ" ପରିବେଷଣ କରାଯାଇଥିଲା।

# ନିଯୁକ୍ତି ମେଳା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବାରେ ମାଧ୍ୟମ ସାଜିବ : ରାଜ୍ୟପାଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଯୁକ୍ତି ମେଳା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବାର ମାଧ୍ୟମ ସାଜିବ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର ଦିନ ପୂର୍ବାହ୍ନରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଦାସ ଏହା କହିଛନ୍ତି। ଏତଦ୍‌ବ୍ୟତୀତ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟଭାବେ ଗଢ଼ିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି। ଉଦ୍‌ବୋଧନ ଛଳରେ ଯୁବପୀଢ଼ିଙ୍କୁ ସଶକ୍ତକରଣ କରି ସେମାନଙ୍କୁ ରାଷ୍ଟ୍ରୀୟ ବିକାଶରେ ଯୋଡ଼ିବାରେ ନିଯୁକ୍ତିଦାତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଦିଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ ମାନବ ସମ୍ବଳର ବିକାଶ ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏ ଦିଗରେ ଶିକ୍ଷାନୁଷ୍ଠାନ / କର୍ପୋରେଟ୍ ସେକ୍ଟର ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ନିଯୁକ୍ତି ମେଳାର ସୁଯୋଗ ନେଇ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଯୁବ ସମୁଦାୟଙ୍କୁ କହିଥିଲେ। ଭାଷଣ ପ୍ରସଙ୍ଗରେ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ୩୦ଟି ଜିଲ୍ଲା ବୁଲିଛନ୍ତି ଏବଂ ରାଜ୍ୟରେ ବିକାଶର ଅପାର ସମ୍ଭାବନା ରହିଛି ବୋଲି ଉପଲବ୍ଧି କରିଛନ୍ତି। ଓଡ଼ିଶାରେ ମାନବ ସମ୍ବଳ, ପ୍ରାକୃତିକ ସମ୍ବଳ, ବିସ୍ତୀର୍ଣ୍ଣ ସାମୁଦ୍ରିକ ବେଳାଭୂମି ଓ ବନ୍ଦର ରହିଛି। ରାଜ୍ୟରେ ଶିଳ୍ପ କରିଡ଼ର ମାଧ୍ୟମରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ ଅବସରରେ ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଉକ୍ତ ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଓଡ଼ିଶା ରାଜ୍ୟ କମିଟିର ଚେୟାରମ୍ୟାନ୍ ଜେ.ବି. ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଭାଇସ୍ ଚେୟାରମ୍ୟାନ୍ ରାଜୀବ ସାହୁ, କନଭେନର ଶ୍ରୀମତୀ ସିକତା ଦାସ, ଉପଦେଷ୍ଟା ବି.ଏନ୍. ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରି ନିଯୁକ୍ତି ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ।

# ଅବଦୁଲ କଲାମଙ୍କ ଜୀବନ ଦର୍ଶନ, ସଫଳତା ଉପରେ ଆଲୋକପାତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତନ ରାଷ୍ଟ୍ରପତି ଏ ପି ଜେ ଅବଦୁଲ କାଲାମ ସ୍ମୃତି ସଂସଦ ଓ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ମିଳିତ ଅନୁକୁଲ୍ୟରେ କଲାମଙ୍କ ନବମ ଶ୍ରଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଏ ପି ଜେ ଅବଦୁଲ କଲାମ ସ୍ମୃତି ସଂସଦର ଚେୟାରମ୍ୟାନ ମନୋଜ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନିମନ୍ତ୍ରିତ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଜ୍ଞାନଦେବ ମହାରଣା କଲାମଙ୍କ ଜୀବନଚର୍ଯ୍ୟା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ନାଲକୋ ଡ଼ ଚିତ୍ତରଞ୍ଜନ ମିଶ୍ର ଏବଂ ଚେତନା ଅନୁଷ୍ଠାନର ପ୍ରତିଷ୍ଠତା ତଥା ସାଧାରଣ ସମ୍ପାଦକ ଡ଼ଃ ନାରାୟଣ ଚନ୍ଦ୍ର ପତି କଲାମଙ୍କ ଜୀବନ ଦର୍ଶନ, ସଫଳତା ଓ ଶିଶୁମାନଙ୍କ ପ୍ରତି ଥିବା ସ୍ନେହ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ଡ଼ ଅଶୋକ ମହାପାତ୍ର କଲାମଙ୍କ ଦେଶପ୍ରେମ, ଦେଶପ୍ରତି ଅବଦାନ ସହ ମିସାଇଲ ମ୍ୟାନ ପରିଚୟ ସୃଷ୍ଟିର ବିଶେଷତ୍ୱ ଉପରରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓପିଟିସିଏଲ ର ପିଆରଓ ମନୋଜ କୁମାର ପଣ୍ଡା ଙ୍କ ତରଫରୁ ଜଣେ ଦୃଷ୍ଟି ବାଧିତ ଛାତ୍ରୀ ରିଙ୍କିଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଏକ ପୁରସ୍କାର ଦେଇଥିଲେ। ଏହି ଅବସରରେ ଏକ ବୈଜ୍ଞାନିକ ଦୃଷ୍ଟି କୋଣରୁ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରଖାଯାଇଥିଲା। ପରିଶେଷରେ ଚେତନା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚେତନା ଅନୁଷ୍ଠାନର ଭିନ୍ନକ୍ଷମ ଛାତ୍ରଛାତ୍ରୀ, ସ୍ୱତନ୍ତ୍ର ଶିକ୍ଷା ତାଲିମ ନେଉଥିବା ଛାତ୍ରଛାତ୍ରୀ ଏବଂ ସମସ୍ତ କର୍ମକର୍ତ୍ତାଙ୍କ ସହ ଅନେକ ଜ୍ଞାନୀ ଗୁଣି ବ୍ୟକ୍ତି ଯୋଗ ଦେବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ଜମ୍ମୁ-କଶ୍ମୀରରେ ସିଂଥନ-କୋକରନାଗ ମାର୍ଗରେ ଖାଇକୁ ଖସିଲା କାର୍

## ୫ ପିଲାଙ୍କ ସମେତ ୮ଜଣଙ୍କ ମୃତ୍ୟୁ

**ଅନନ୍ତନାଗ,**

ଜମ୍ମୁକଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଶନିବାର ସିଂଥନ-କୋକରନାଗ ମାର୍ଗରେ ଏକଧରଣର ଦୁର୍ଘଟଣା ଘଟିଛି। ଏଠାରେ ଏକ କାର ରାସ୍ତାରୁ ଖସି ଖାଇରେ ପଥର ଉପରକୁ ଖସିପଡ଼ିଥିଲା, ଯେଉଁ କାରଣରୁ କାରରେ ଥିବା ଜଣେ ପୋଲିସକର୍ମୀ ଓ ୫ଜଣ ପିଲାଙ୍କ ସହିତ ୮ଜଣ ଲୋକଙ୍କ ମୃତ୍ୟୁ ହୋଇଛି। କୋକରନାଗର ଉପବିଭାଗୀୟ ମାଜିଷ୍ଟ୍ରେଟ କହିଛନ୍ତି ଯେ, ଏହି ଦୁର୍ଘଟଣା କ୍ଷୁମ ନାନାରୁ ୨୦ କିଲୋମିଟର ଦୂର ଆରସାନ ହଟ ନିକଟରେ ହୋଇଛି। ସେ କହିଛନ୍ତି ଯେ, ପୋଲିସକର୍ମୀଙ୍କ ସହିତ ୫ଜଣ ପିଲା ଓ ଦୁଇଜଣ ମହିଳାଙ୍କ ସହ ସେହି ସମୟରେ କାରରେ ଥିଲେ। କାରଟି କିସ୍ତୱାଡ-ଅନନ୍ତନାଗ ମାର୍ଗରେ ଆରସାନ ସ୍ଥାନରେ ଏହି ଦୁର୍ଘଟଣା ହୋଇଛି।

# ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ : ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଶୁଚିସ୍ମିତାର କାହାଣୀ ଲୋକାର୍ପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି। ଗଳ୍ପର ଉପାଦାନ, କାରିଗରୀ, ଚରିତ୍ର ଓ ଘଟଣାକୁ ନେଇ ପାଠକୀୟ ଆବେଦନ ତିଆରି ହୁଏ ବୋଲି ବିଶିଷ୍ଟ କଥାକାର ପରେଶ କୁମାର ପଟ୍ଟନାୟକ ମତ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ'ରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ଶୁଚିସ୍ମିତାର କାହାଣୀ' ଲୋକାର୍ପଣ କରି ଶ୍ରୀ ପଟ୍ଟନାୟକ ବିଭିନ୍ନ ଭାରତୀୟ ଭାଷାରେ ଓଡ଼ିଆ ଗଳ୍ପର ପର୍ଯ୍ୟାପ୍ତ ଅନୁବାଦ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଅନୁରୂପ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣ ତଥା ନୂତନ ଲେଖକମାନଙ୍କ ଭୂମିକାକୁ ସେ ପ୍ରଶଂସା କରିଛନ୍ତି। ବିଶିଷ୍ଟ କଥାକାର ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଳ୍ପିକ ପ୍ରଦ୍ୟୁମ୍ନ ପଟ୍ଟନାୟକ ଲେଖକୀୟ ଅଭିବ୍ୟକ୍ତି ରଖିବା ପରେ କଥାକାର ରମେଶ ପଟ୍ଟନାୟକ ପୁସ୍ତକରେ ସ୍ଥାନିତ କେତେକ ଗଳ୍ପର ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। 'ଏ ମାସର କବି' ଭାବରେ ସୁଶ୍ରୀ ଶ୍ରୀସିକ୍ତା ଶୁଭଦର୍ଶନୀ ନାୟକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଅଭୟ ନାରାୟଣ ନାୟକ, ପୂର୍ଣ୍ଣାନନ୍ଦ ମହାନ୍ତି ଓ ଜୟଶ୍ରୀ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଧୁଭୂଷଣ ତ୍ରିପାଠୀ, ଅଲେଖ ଚରଣ ରାଉତ, ବୀଣାପାଣି ମିଶ୍ର, କୁମୁଦିନୀ ଜୀ, ଶଶିପ୍ରଭା ଦାସ, ପବିତ୍ର ମୋହନ ବାରିକ, ପ୍ରଣତି ପରିଡ଼ା, ନିରାପମା ରାୟ, ଡ. ଅଶୋକ ସିଂହ, ମହେନ୍ଦ୍ର କୁମାର ମଲ୍ଲିକ, ସବିତା ଶତପଥୀ, ଶ୍ୟାମାକିଙ୍କର ମହାନ୍ତି, ସୁବ୍ରତ ସେନାପତି, କ୍ଷଣପ୍ରଭା ମହାନ୍ତି, ରାଜକିଶୋର ଦାସ, ଭିଗାରୀ ଧଳ, ପବିତ୍ର ମୋହନ କର, ବିରଞ୍ଚି ଶତପଥୀ, ମନମୋହନ ମିଶ୍ର, ସବିତା ଶତପଥୀ, ସନ୍ତାପ ଜେନା, ମିନତି ମିଶ୍ର, ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡା. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିଲେ ଓ ଶେଷରେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା-ଉପହାର ପ୍ରଦାନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୪୭ ସୁଦ୍ଧା ...

ରାଜ୍ୟ ବିକଶିତ ଭାରତ ନିର୍ମାଣ କରିବ। ଶ୍ରୀ ମୋଦି କହିଛନ୍ତି ଯେ, ଭାରତ ଏକ ଯୁବ ମନୋଭାବ ସମ୍ପନ୍ନ ରାଷ୍ଟ୍ର ଏବଂ ଏହାର କାର୍ଯ୍ୟବଳ ଯୋଗୁଁ ଏହା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆକର୍ଷଣ। ଯୁବବର୍ଗଙ୍କୁ ଏକ ଦକ୍ଷ ଓ ରୋଜଗାରକ୍ଷମ ଶ୍ରମଶକ୍ତିରେ ପରିଣତ କରିବା ଏହାର ଲକ୍ଷ୍ୟ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦକ୍ଷତା, ଗବେଷଣା, ଉଦ୍ଭାବନ ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ ବିକଶିତ ଭାରତ ୨୦୪୭ ଗଠନ ପାଇଁ ନିଯୁକ୍ତି ଭିତ୍ତିକ ଜ୍ଞାନ ଆବଶ୍ୟକ। ନୀତି ଆୟୋଗର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳ, କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ କେନ୍ଦ୍ରମନ୍ତ୍ରୀ ଏବଂ ଉପାଧ୍ୟକ୍ଷ ସୁମନ ବେରି ଓ ନୀତି ଆୟୋଗର ସଦସ୍ୟମାନେ ଯୋଗ ଦେଇଥିଲେ। ଚଳିତ ବର୍ଷର ବୈଠକର ବିଷୟବସ୍ତୁ ଥିଲା 'ବିକଶିତ ଭାରତ-୨୦୪୭' ଯେଉଁଥିରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗଭର୍ଣ୍ଣିଂ କାଉନସିଲ ବୈଠକରେ ବିକଶିତ ଭାରତ ୨୦୪୭ ଉପରେ ଭିଜନ ଡକ୍ୟୁମେଣ୍ଟ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରୀ ଶାସନ ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା, ସରକାରୀ ହସ୍ତକ୍ଷେପ ଗୁଡିକର ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରି ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ଜନସଂଖ୍ୟାର ଜୀବନଧାରଣର ଗୁଣବତ୍ତା ବୃଦ୍ଧି କରିବା। ଏହି ବୈଠକରେ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବାରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନୀତି ଆୟୋଗ କହିଛି ଯେ ଜିଡିପି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିବା ସହ ୨୦୪୭ ସୁଦ୍ଧା ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମିଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି। ନବମ ଗଭର୍ଣ୍ଣିଂ କାଉନସିଲ ବୈଠକର ଉଦ୍ଦେଶ୍ୟ ହେଉଛି ଏହି ଦୃଷ୍ଟିକୋଣ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରିବା, ଯାହା ଟିମ ଇଣ୍ଡିଆ ଭାବରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବ। ନୀତି ଆୟୋଗର ଗଭର୍ଣ୍ଣିଂ କାଉନସିଲ ମଧ୍ୟ ଗତ ବର୍ଷ ଡିସେମ୍ବରରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବଙ୍କ ତୃତୀୟ ଜାତୀୟ ସମ୍ମିଳନୀର ସୁପାରିସ ଉପରେ ଗୁରୁତ୍ୱାରୋପ କରିଥିଲା।

## ନୀତି ଆୟୋଗ...

ସଂଯୋଗ ବଢାଇବା ସହ କାର୍ବନ ନିର୍ଗମନ କିପରି କମ କରାଯାଇପାରିବ, ସେଥିପାଇଁ ସହାୟତା ଲୋଡ଼ିଛନ୍ତି। ପିଏମ ଜନଜମି ଯୋଜନାରେ ଆଦିବାସୀଙ୍କ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପାଇଁ ଦାବି ଉପସ୍ଥାପନ କରାଯାଇଛି।

## ଆତଙ୍କବାଦୀ ହମଲାରେ ...

ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯବାନ ଶହୀଦ ହୋଇଛନ୍ତି। କିଛି ଦିନ ହେବ କୁପୱାଡାରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢିଚାଲିଛି। ଗୁରୁବାର ଜଣେ ଯବାନ ଶହୀଦ ହୋଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସର୍ଚ୍ଚ ଅପରେସନ ଜାରି ରହିଛି। ସେପଟେ ପଞ୍ଜାବର ଜଣେ ମହିଳା ଉକ୍ତ ଅଞ୍ଚଳରେ ୭ ଜଣ ସନ୍ଦିଗ୍ଧଙ୍କୁ ଦେଖିଥିବା କହିବା ପରେ ଜମ୍ମୁରେ ହାଇ ଆଲର୍ଟ ଜାରି କରାଯାଇଛି। ପଞ୍ଜାବ ପୁଲିସ ଜଣେ ଆତଙ୍କବାଦୀର ସ୍କେଚ ଜାରି କରି ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଯଦି କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଜଣାପଡ଼େ ତେବେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ କହିଛି।

## ଅଗଷ୍ଟ ଶେଷ ...

ହେଉଛି। ସେପଟେ ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ସମସ୍ତ ରାଜ୍ୟର ମହାସଚିବଙ୍କ ବୈଠକରେ ମଧ୍ୟ ଏନେଇ ବିଚାର ବିମର୍ଶ କରାଯାଇପାରେ।

ମୋଦିଙ୍କ ତୃତୀୟ କାଳରେ ନଡ୍ଡାଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ଦୁଇ ଦୁଇଟା ଦାୟିତ୍ୱ ତୁଲାଉଥିବାରୁ ନଡ୍ଡାଙ୍କ ଉପରେ ଅଧିକ ଚାପ ପଡୁଥିବା ହେତୁ ଦଳ ଖୁବ ଶୀଘ୍ର ନୂଆ ଅଧ୍ୟକ୍ଷ ଚୟନ କରିବାକୁ ଚିନ୍ତା କରୁଛି।

## ଅଢେଇ ଲକ୍ଷ ଯୁବବର୍ଗଙ୍କୁ ...

ଡ୍ରିମର୍ସଙ୍କର ୨୧ ବର୍ଷ ବୟସ ହେବା ପରେ ସେମାନଙ୍କର ନିଜସ୍ୱ ଭିସା ନାହିଁ, ତେବେ ସେମାନଙ୍କୁ ଦେଶରୁ ବିତାଡିତ କରାଯିବ। ଅନେକ ଭାରତୀୟଙ୍କ ପିଲାମାନେ ଡକ୍ୟୁମେଣ୍ଟ ଡ୍ରିମର୍ସ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି। ନ୍ୟାସନାଲ ଫାଉଣ୍ଡେସନ ଫର ଆମେରିକୀୟ ପଲିସି (ଏନଏଫଏପି) ଆମେରିକାରେ ନାଗରିକତ୍ୱ ଅଧ୍ୟୟନ କରିଛି। ଏଥିରେ ଆଶ୍ଚର୍ଯ୍ୟଜନକ ସଂଖ୍ୟା ଦେଖାଦେଇଛି। ଏହି ଅନୁଯାୟୀ, ପ୍ରାୟ ୧୨ ଲକ୍ଷ ଭାରତୀୟ ଗ୍ରୀନ କାର୍ଡ ଭିସାକୁ ଅପେକ୍ଷା କରିଛନ୍ତି। ଇମିଗ୍ରେସନ ଆଣ୍ଡ ପ୍ରାକୃତିକରଣ ଆଇନ (ଆଇଏନଏ) ଅନୁଯାୟୀ, ଯଦି ଜଣେ ପିଲା ୨୧ ବର୍ଷ ବୟସ ପୂର୍ବରୁ ଆଇନଗତ ସ୍ଥାୟୀ ବାସିନ୍ଦା (ଏଲପିଏ) ମାନ୍ୟତା ପାଇଁ ଆବେଦନ କରେ ଏବଂ ସବୁଜ କାର୍ଡ ପାଇବା ପୂର୍ବରୁ ୨୧ ବର୍ଷ ହୁଏ ତାପରେ ତାଙ୍କର ଆବେଦନ ବାତିଲ ହେବ। ଏପରି ପରିସ୍ଥିତିରେ ପିଲାଙ୍କୁ ବୟସ୍କ ପରି ଆବେଦନ କରିବାକୁ ପଡିବ, ନଚେତ ତାଙ୍କୁ ଦେଶ ଛାଡିବାକୁ ପଡିବ। ଏହି ପ୍ରକ୍ରିୟାକୁ ବାର୍ଦ୍ଧକ୍ୟ କୁହାଯାଏ। ୪୩ ସାଂସଦ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଏକ ଚିଠି ଲେଖିଛନ୍ତି। ଆମେରିକୀୟ ନିୟମ ଅନୁଯାୟୀ, ୨୧ ବର୍ଷ ବୟସ ହେବା ପରେ ପିଲାଙ୍କୁ ସବୁଜ କାର୍ଡ ପାଇବାକୁ ବହୁତ ସମୟ ଅପେକ୍ଷା କରିବାକୁ ପଡିବ। ତଥାପି, ପିଲାଟି ସବୁଜ କାର୍ଡ ପାଇବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏହା ସମ୍ଭବ ଯେ ତାଙ୍କ ଆବେଦନ ବାତିଲ ହୋଇପାରେ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଅଢେଇ ଲକ୍ଷ ପିଲାଙ୍କ ଭବିଷ୍ୟତ ବିପଦରେ ରହିଛି। ୪୩ ଆମେରିକୀୟ ସାଂସଦ ଏହି ସମସ୍ୟା ଉପରେ ବିଚାର କରିବାକୁ କହିଛନ୍ତି। ସାଂସଦମାନେ ବାଇଡେନ ପ୍ରଶାସନକୁ ଏକ ଚିଠି ଲେଖି କହିଛନ୍ତି ଯେ ଏହି ଯୁବକମାନେ ଆମେରିକାରେ ବଢ଼ିଛନ୍ତି। ଆମେରିକାର ବିଦ୍ୟାଳୟ ବ୍ୟବସ୍ଥାରେ ସେମାନଙ୍କର ଶିକ୍ଷା ସମାପ୍ତ କରନ୍ତୁ ଏବଂ ଏକ ଆମେରିକୀୟ ବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରନ୍ତୁ। ତଥାପି ସ୍ଥାୟୀ ବାସିନ୍ଦା ମାନ୍ୟତା ପାଇବାକୁ ସେମାନଙ୍କୁ ଦଶନ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

## ଋଷ ସହ ଯୁଦ୍ଧ...

ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଜେଲେନସ୍କିଙ୍କୁ ଭେଟିଥିଲେ। ଚଳିତମାସ ଆରମ୍ଭରେ ପ୍ରଧାନମନ୍ତ୍ରୀ ଋଷ ଗସ୍ତରେ ଥିବାବେଳେ ଉଭୟ ଦେଶ ଆଣବିକ ଶକ୍ତି ଏବଂ ଜାହାଜ ନିର୍ମାଣ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଅତୁଳନୀୟ ସେବା ପାଇଁ ଋଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଋଷର ସର୍ବୋଚ୍ଚ ନାଗରିକ ସମ୍ମାନ ରାଷ୍ଟ୍ରପତି ପୁଟିନ୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ୨୨ତମ ଭାରତ-ଋଷ ବାର୍ଷିକ ସମ୍ମିଳନୀ ପାଇଁ ପୁଟିନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୮, ୨୦୨୪ରୁ ଦୁଇ ଦିନିଆ ଗସ୍ତ ପାଇଁ ମସ୍କୋ ଗସ୍ତ କରିଥିଲେ।

## ଆଗାମୀ ୪...

ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଜାରି ରହିବ। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଲଘୁଚାପ ନେଇ ୧୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଲଘୁଚାପ ବର୍ଷା ଯୋଗୁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଉପୁଜିପାରେ। ଉତ୍ତର ଓଡ଼ିଶା ସହ ୧୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାସ୍ତରରେ ପ୍ରସ୍ତୁତ ରହିବା ସହ ସ୍ଥିତି ନେଇ ଅବଗତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

## ଏଣିକି ୧୨ ଦିନ...

ସ୍କୁଲରେ ଶିକ୍ଷାର ମାନ ଆଶାତୀତଭାବେ ହ୍ରାସ ପାଉଥିବାବେଳେ ଫଳାଫଳ ମଧ୍ୟ ନିମ୍ନଗାମୀ ରହୁଛି। ବିଇଓଙ୍କ ଏହି ଅବହେଳାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ ସ[illegible]ତ୍ତ୍ୱ ବିଇଓମାନେ ନିୟମିତଭାବେ ସ୍କୁଲ ନିରୀକ୍ଷଣରେ ଯାଉନାହାନ୍ତି। ଯଦ୍ୱାରା ଶିକ୍ଷାଦାନ ଓ ଆନୁସଙ୍ଗିକ ବ୍ୟବସ୍ଥାରେ ବିକାଶ ଘଟୁନି। ଏଣୁ ଏଥର ବିଇଓ ପ୍ରତ୍ୟେକ ମାସ ୧୨ ଦିନ ସ୍କୁଲ ପରିଦର୍ଶନରେ ଯିବା ବାଧ୍ୟତାମୂଳକ। ଏହାର ଖିଲାପ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ୧୭ଟି ବ୍ଲକରେ ଏହି ଅବ୍ୟବସ୍ଥା ଲାଗିରହିଛି। ବିଇଓମାନେ କେବଳ ସହରିଆ ଅଞ୍ଚଳର ସ୍କୁଲକୁ କାଁ ଭାଁ ପରିଦର୍ଶନରେ ଯାଉଥିବାବେଳେ ଉପାନ୍ତ ଅଞ୍ଚଳରେ ଥିବା ସ୍କୁଲକୁ ଯିବାକୁ କିନ୍ତୁ ଅମଙ୍ଗ ହେଉଛନ୍ତି। ଏତଦ୍‌ବ୍ୟତୀତ ଜିଲ୍ଲାର ୧୭ଟି ବ୍ଲକ ମଧ୍ୟରୁ ୨ଟି ବ୍ଲକରେ ଗୋଷ୍ଠୀ ଶିକ୍ଷାଧିକାରୀ ନାହାନ୍ତି। ସେଗୁଡ଼ିକ ହେଲା ବିଶ୍ରା ଓ କୁତ୍ରା ବ୍ଲକ। ଏହି ଦୁଇ ବ୍ଲକରେ ଶିକ୍ଷାବିଭାଗ କାମଚଳା ନୀତି ଆପଣେଇଛି। କୁଆରମୁଣ୍ଡା ବିଇଓ ବିଶ୍ରା ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟ ହାଇସ୍କୁଲର ପ୍ରଧାନଶିକ୍ଷକ କୁତ୍ରା ବ୍ଲକ ଦାୟିତ୍ୱରେ ଅଛନ୍ତି। କେବଳ ଗୋଟିଏ ବ୍ଲକ ଦାୟିତ୍ୱରେ ଥିବା ବିଇଓମାନେ ସ୍କୁଲ ପରିଦର୍ଶନରେ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବାବେଳେ ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସ୍କୁଲ ପରିଦର୍ଶନ, ଆଶା କରାନଯାଇନପାରେ। ବାସ୍ତବରେ ଏହା ହିଁ ହେଉଛି, ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀ ଆଦୌ ସ୍କୁଲର ପାଦ ମାଡୁନଥିବା ଅଭିଯୋଗ ହେଉଛି। ଫଳରେ ଶିକ୍ଷକଶିକ୍ଷୟିତ୍ରୀ ମନଇଚ୍ଛା ସ୍କୁଲକୁ ଆସୁଥିବାବେଳେ ଶିକ୍ଷାଦାନ ବହୁମାତ୍ରାରେ ପ୍ରଭାବିତ ହେଉଛି।

## ପ୍ରେମ ନେଉଛି ...

୨୦୨୪ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ୨୫୩ ଜଣ ଆତ୍ମହତ୍ୟା କରିଥିଲେ। ୨୦୨୩ ଏହି ମାସ ପର୍ଯ୍ୟନ୍ତ ଆତ୍ମହତ୍ୟା ସଂଖ୍ୟା ୨୨୦ ରହିଥିଲା। ଗତ ୨ ବର୍ଷ ହେଲା ଖଣ୍ଡଗିରି ଥାନା ଅଞ୍ଚଳରେ ସର୍ବାଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ୨୦୨୩ ରେ ଖଣ୍ଡଗିରି ଥାନା ଅଞ୍ଚଳରେ ୭୯ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୨୪ ଜୁଲାଇ ୨୬ ପର୍ଯ୍ୟନ୍ତ ୩୯ ଜଣ ଆତ୍ମହତ୍ୟା କଲେଣି। କ୍ୟାପିଟାଲ ଥାନା ଅଞ୍ଚଳରେ ୯ ଜଣ ଆତ୍ମହତ୍ୟା କରିଥିବା ବେଳେ ଖାରବେଳନଗର ଥାନା ଅଞ୍ଚଳରେ ୧୧ ଜଣ ଆତ୍ମହତ୍ୟା କରିଛନ୍ତି। ଧଉଳି ଥାନା ଅଞ୍ଚଳରେ ୩ ଜଣ ରହିଥିବା ବେଳେ ଲିଙ୍ଗରାଜ ଥାନା ଅଞ୍ଚଳରେ ୧୦ ଜଣ ଆତ୍ମହତ୍ୟା କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ୬ଜଣ ରହିଥିବା ବେଳେ ଏୟାରପୋର୍ଟ ଅଞ୍ଚଳରେ ୫ଜଣ ଆତ୍ମହତ୍ୟା କରିଛନ୍ତି। ଜଟଣୀ ଥାନା ଅଞ୍ଚଳରେ ୭ ଜଣ ଆତ୍ମହତ୍ୟା କରିଥିବା ବେଳେ ତମାଣ୍ଡୋରେ ୪ଜଣ ଭରତପୁର ଥାନା ଅଞ୍ଚଳରେ ୩୧ ଜଣ, ଇନ୍‌ଫୋସିଟିରେ ୪ଜଣ ଆତ୍ମହତ୍ୟା କରିଛନ୍ତି। ବଡ଼ଗଡ଼ରେ ୭ ଜଣ, ଲକ୍ଷ୍ମୀସାଗର ଅଞ୍ଚଳରେ ୯ ଜଣ, ବାଲିଅନ୍ତାରେ ୭ ଜଣ, ବାଲିପାଟଣା ୨ ଜଣ, ପାହାଳରେ ୭ ଜଣ, ନୂଆପଲ୍ଲୀରେ ୧୬ ଜଣ ଆତ୍ମହତ୍ୟା କଲେଣି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୩୬ ଜଣ ଆତ୍ମହତ୍ୟା କରିଥିବା ବେଳେ ସହିଦନଗରରେ କେହି ଆତ୍ମହତ୍ୟା କରିନାହାନ୍ତି। ମୈତ୍ରୀବିହାରରେ ୯ଜଣ, ଚନ୍ଦକା ୬, ନନ୍ଦନକାନନରେ ଜଣେ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ୧୯ ଜଣ ଏବଂ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ୪ ଜଣ ଆତ୍ମହତ୍ୟା କଲେଣି। ୨୦୨୩ରେ ରାଜଧାନୀରେ ୪୨୭ ଜଣ ଆତ୍ମହତ୍ୟା କରିଥିବା ବେଳେ ଏଥିରେ ପୁଅଙ୍କ ସଂଖ୍ୟା ରହିଛି ୨୩୬। ସେହିଭଳି ୨୦୨୪ ଜୁଲାଇ ୨୬ ସୁଧା ୨୫୩ ଜଣ କରିଥିବା ଆତ୍ମହତ୍ୟା ମଧ୍ୟରେ ୧୮୦ ଜଣ ପୁରୁଷ ଆତ୍ମହତ୍ୟା କଲେଣି।

## ଚିନ୍ତା ବଢାଇଲାଣି ଡେଙ୍ଗୁ

# ଖୋର୍ଦ୍ଧା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୨୪୭ ଆକ୍ରାନ୍ତ ଚିହ୍ନଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷା ଲାଗିରହିବା ଯୋଗୁଁ ବଢୁଛି ମଶାବଂଶ। ଗାଁ ଗାଁରେ ଏବେ ଅନେକ ଲୋକଙ୍କୁ ଜ୍ୱର। ନମୁନା ପରୀକ୍ଷା ପରେ ବାହାରୁଛି ଡେଙ୍ଗୁ। ତେଣୁ ଆତଙ୍କିତ ଖୋର୍ଦ୍ଧା ଅଞ୍ଚଳବାସୀ। ପ୍ରଶାସନର ଅବହେଳା ଯୋଗୁଁ ଏଡିସ୍ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ସେପଟେ ଅବହେଳାକୁ ପୌର ଉପାଧ୍ୟକ୍ଷ ସ୍ୱୀକାର କରିଥିବାବେଳେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ରାଉରକେଲାରେ ଅଧିକ ରୋଗୀ ଚିହ୍ନଟ ପରେ ଆରମ୍ଭ ହୋଇଛି ମିଳିତ ସଚେତନତା ଓ ସଫେଇ। ଗଦା ହୋଇ ରହିଛି କୁଢ କୁଢ ଅଳିଆ। ପାଣି କାଦୁଅରେ ପଚପଚ ରାସ୍ତା। ଖୋର୍ଦ୍ଧା ଅଞ୍ଚଳରୁ ଆସିଛି ଏଭଳି ଖବର। ଏପରି ପରିବେଶ ଯୋଗୁଁ ଏବେ ଗାଁ ଗାଁରେ ବ୍ୟାପିଛି ଜ୍ୱର। ନମୁନା ପରୀକ୍ଷା ପାଇଁ ହସପିଟାଲରେ ଲାଗୁଛି ଲମ୍ବା ଲାଇନ। ଆଉ ପରୀକ୍ଷା ପରେ ଚିହ୍ନଟ ହେଉଛନ୍ତି ଡେଙ୍ଗୁ ରୋଗୀ। ବର୍ତ୍ତମାନ ସୁଦ୍ଧା ସରକାରୀ ରିପୋର୍ଟ ଅନୁସାରେ ଭୁବନେଶ୍ୱରକୁ ଛାଡ଼ି କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୪୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି। ଆଉ ଏଥିପାଇଁ ପ୍ରଶାସନର ଅବହେଳାକୁ ଦାୟି କରିଛନ୍ତି ଲୋକେ। ଡେଙ୍ଗୁ ମୁକାବିଲା ପାଇଁ ପୌର ପରିଷଦ ପକ୍ଷରୁ ବାରମ୍ବାର ବୈଠକ ହେଉଛି। ହେଲେ ସଚେତନତା ବ୍ୟାନରରେ ରହିଛି ପଦକ୍ଷେପ। ଅଳିଆ ସଫା କରିବା, ମଶା ଧୂଆଁ, ତେଲ ସିଞ୍ଚନ କେବଳ କାଗଜ କଲମରେ ଚାଲିଛି। ଅବହେଳାକୁ ପୌର ଉପାଧ୍ୟକ୍ଷ ସ୍ୱୀକାର କରିଥିବାବେଳେ ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ରାଉରକେଲାରେ ୧୫୦ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କେବଳ ଇସ୍ପାତ ସହରାଞ୍ଚଳର ବିଭିନ୍ନ ସେକ୍ଟର ଅଞ୍ଚଳରେ ୧୨୭ ରୋଗୀ ଅଛନ୍ତି। ସେକ୍ଟର ୧୬ ସେକ୍ଟର ୧୪, ସେକ୍ଟର ୧୩, ସେକ୍ଟର ୪, ସେକ୍ଟର ୩ ଓ ସେକ୍ଟର ୧ ଅଞ୍ଚଳରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ସଚେତନତା ଓ ସଫେଇ କାର୍ଯ୍ୟକୁ ଜୋରଦାର କରାଯାଇଛି। ଆରଏମସି, ଇସ୍ପାତ କାରଖାନା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ ଟିମ୍ ଗଠନ କରାଯାଇ ସଚେତନତା ଓ ସଫେଇ କାର୍ଯ୍ୟ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୫ଟି ଟିମ୍‌ରେ ଶହେଜଣ କର୍ମଚାରୀ ସାମିଲ। ଲଗାଣ ବର୍ଷା ଓ ଆବର୍ଜନା ମଶା ବଂଶ ବୃଦ୍ଧିକୁ ସୁହାଇଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ସହ ନମୁନା ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥା ପାଇଁ ବ୍ୟବସ୍ଥା କରାଯାଇଛି।

ଭୁବନେଶ୍ୱର
୨୮ ଜୁଲାଇ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24


# ଡେଙ୍ଗୁ ନିୟନ୍ତ୍ରଣ ପାଇଁ କି ପଦକ୍ଷେପ ନେଇଛ ?

## ସିଏମସିକୁ ଜବାବ ମାଗିଲେ ହାଇକୋର୍ଟ



**କଟକ, ୨୭/୦୭ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟରେ ପହଞ୍ଚିଲା ଡେଙ୍ଗୁ ମାମଲା । ଟ୍ୱିନ ସିଟି କଟକ ଭୁବନେଶ୍ୱରରେ ବର୍ଷା ଦିନ ଆସିଲେ ଆରମ୍ଭ ହୋଇଯାଏ ଡେଙ୍ଗୁ ସମସ୍ୟା । ସହରର ଏହି ସମସ୍ୟାକୁ ଅତି ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ହାଇକୋର୍ଟ । ଡେଙ୍ଗୁ ସଂକ୍ରମଣ ରୋକିବା ଉପରେ ସିଏମସି ସଠିକ ପଦକ୍ଷେପ ନେଉଛି କି ନାହିଁ ଓ ଏବେସୁଦ୍ଧା କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ହାଇକୋର୍ଟ ଜବାବ ତଲବ କରିଛନ୍ତି । ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଜବାବ ମାଗିଛନ୍ତି ହାଇକୋର୍ଟ । ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଡେଙ୍ଗୁ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଛି। ମାମଲାର ଶୁଣାଣି ସମୟରେ ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ବିଜୟ କୁମାର ଦାଶ ସହରରେ ଡେଙ୍ଗୁ ବ୍ୟାପିବା ପ୍ରସଙ୍ଗକୁ ନେଇ ପ୍ରକାଶିତ ଖବରକାଗଜ ରିପୋର୍ଟ ଦାଖଲ କରିଥିଲେ । ବ୍ରସ୍ କଟିଂ କରାଯାଉ ନାହିଁ ବୋଲି କୋର୍ଟଙ୍କୁ ଅବଗତ କରିଥିଲେ । ସେହିପରି ବହୁ ସ୍ଥାନରେ ଅଳିଆ ଜମା ହୋଇ ରହିବା ସହିତ ପାଣି ବି ଜମିଛି । ଏଭଳି ସ୍ଥିତିରେ ସହରରେ ମଶା ସମସ୍ୟା ଦେଖାଦେଇଛି । ଯାହାକି ସହରରେ ଡେଙ୍ଗୁ ବ୍ୟାପିବା ପାଇଁ ଯଥେଷ୍ଟ ସମ୍ଭାବନା ରହିଥିବା ଆଇନଜୀବୀ ଦର୍ଶାଇଥିଲେ । ଏହି ମାମଲାର ଶୁଣାଣି କରି କୋର୍ଟ, ଖବରକାଗଜ ରିପୋର୍ଟରେ ରହିଥିବା ତଥ୍ୟର ମୌଳିକତା ପ୍ରସଙ୍ଗରେ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଅଗଷ୍ଟ ୮ରେ ତଥ୍ୟ ଉପସ୍ଥାପନ ପାଇଁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ସହରର ଜଳବନ୍ଦୀ ସମସ୍ୟା ଲାଗି ରହୁଥିବା ୧୨୩ଟି ଅଞ୍ଚଳ ଚିହ୍ନଟ କରାଯାଇଛି ବୋଲି ସିଏମସି ସିଟି ଇଞ୍ଜିନିୟର ସତ୍ୟପାଠରେ ଉଲ୍ଲେଖ କରିଥିଲେ । ବର୍ଷା ସମୟରେ ୭୬ଟି ଅଞ୍ଚଳରେ ଦୁଇରୁ ତିନି ଘଣ୍ଟା ପାଣି ଜମି ରହୁଥିବା ବେଳେ ୪୭ଟି ଅଞ୍ଚଳରେ ୪ରୁ ୫ ଘଣ୍ଟା ଏପରି ସମସ୍ୟା ଲାଗି ରହୁଛି । ଚିହ୍ନଟ କରାଯାଇଥିବା ଏଭଳି ଅଞ୍ଚଳଗୁଡ଼ିକରୁ ବର୍ଷା ଜଳ ବକ୍ସ ଡ୍ରେନ୍, ମୁଖ୍ୟ ଡ୍ରେନ୍ ଓ ଖାଲି ସ୍ଥାନକୁ ନିଷ୍କାସନ ପାଇଁ ଆବଶ୍ୟକ ସଂଖ୍ୟକ ପମ୍ପ ବସାଯାଇଛି । ଆବଶ୍ୟକସ୍ଥଳେ ସିଏମସି ପାଣି ଜମି ରହିଥିବା ଅଞ୍ଚଳରୁ ନିଷ୍କାସନ ପାଇଁ ଏହାର ସେସ ପୁଲ ମେସିନ, ଫାୟାର ପମ୍ପ ବ୍ୟବହାର କରୁଛି । ବର୍ଷାଜଳ ନିଷ୍କାସନ ପାଇଁ ମଧ୍ୟ ଡ୍ରେନରୁ ପଙ୍କ ନିୟମିତ କଢା ଯାଉଛି । ୱାଟକୋ ଗୋଟିଏ ୧୮୦ ଏଚପି, ଦୁଇଟି ୧୦୦ଏଚପି, ପାଞ୍ଚଟି ୬୦ ଏଚପି ପମ୍ପ ଛତ୍ରବଜାର ଓ ଅନ୍ୟ ଅଞ୍ଚଳରେ ବସାଇଛି । ସେହିଭଳି ୱାଟକୋ ତରଫରୁ ମୌସୁମୀ ସମୟରେ ୫ଟି ୬୦ଏଚପି ପମ୍ପ ପ୍ରସ୍ତୁତ କରି ରଖାଯାଇଛି । ବର୍ଷାଜଳ ଜମି ରହୁଥିବା ଅଞ୍ଚଳରୁ ନୂଆ ଡ୍ରେନ୍ ନିର୍ମାଣ କରି ଜଳନିଷ୍କାସନ ସମସ୍ୟା ଦୂର ସମ୍ଭାବନାକୁ ଅନୁଧାନ କରାଯାଉଛି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଆଉ ମଧ୍ୟ କୃଷକ ବଜାରରେ ପାଣି ଜମି ରହିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ବ୍ୟବସାୟୀଙ୍କ ନିକଟରୁ ମାସିକ ଦେୟ ଆଦାୟ କରୁଥିବା କମିଟି, ମୌଳିକ ସୁବିଧା ମଧ୍ୟ ପ୍ରଦାନ କରିବା କଥା, ତେବେ କାହିଁକି ଏଭଳି ହୋଇନାହିଁ ପ୍ରଶ୍ନ କରିଥିଲେ କୋର୍ଟ । ସେହିପରି କମିଟି ଅଧ୍ୟକ୍ଷ ଉପଜିଲ୍ଲାପାଳ, ଅଗଷ୍ଟ ୮ରେ ଭର୍ଚ୍ୟୁଆଲ ବ୍ୟବସ୍ଥାରେ ଶୁଣାଣି ସମୟରେ ହାଜର ହେବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । କୃଷକ ବଜାରର ସାନି ସ୍ଥିତି ସଂପର୍କରେ ପରବର୍ତ୍ତୀ ତାରିଖରେ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି ।

## ଗୃହ ବିଭାଗର ନିଷ୍ପତ୍ତି

# ଡିଏସପି ର୍‍ୟାଙ୍କ ଅଫିସରଙ୍କୁ ବଦଳି କରିପାରିବେନି ଡିଜିପି

**ଭୁବନେଶ୍ୱର, ୨୭/୭ ନ୍ୟୁଜ ବ୍ୟୁରୋ**

ରାଜ୍ୟ ଗୃହ ବିଭାଗର ବଡ଼ ନିଷ୍ପତ୍ତି । ଏଣିକି ଆଉ ଡିଏସପି ର୍‍ୟାଙ୍କ ଅଫିସରଙ୍କୁ ବଦଳି କି ନିଯୁକ୍ତି କରିପାରିବେନି ପୋଲିସ ଡିଜି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ଗୃହ ବିଭାଗ ସଚିବଙ୍କ ନେତୃତ୍ୱରେ ଏକ କମିଟି ଗଢ଼ାଯିବ । ସେହି କମିଟି ହିଁ ଡିଏସପି, ଏଏସପି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଡେପୁଟି କମାଣ୍ଡାଣ୍ଟଙ୍କର ବଦଳି ବା ନିଯୁକ୍ତି ନେଇ ନିଷ୍ପତ୍ତି ନେବ । ଗୃହ ବିଭାଗ ସଚିବଙ୍କ ବ୍ୟତୀତ ଡିଜିପି ଓ ଆଇଜି ପୋଲିସ ଏହି କମିଟିର ସଦସ୍ୟ ରହିବେ । ସେହିପରି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ମଧ୍ୟ ଏଥିରେ ସଦସ୍ୟ ରହିବେ । ପୂର୍ବରୁ ଡିଜିପିଙ୍କ ପାଖରେ ଥିବା ଏହି ବଡ଼ କ୍ଷମତାକୁ ଫେରାଇ ନିଆଯାଇଛି । ମୋହନ ସରକାର ଆସିବା ପରେ ପୋଲିସ ବିଭାଗରେ ହୋଇଥିବା ଏହି ବଡ଼ ନିଷ୍ପତ୍ତି ଏକଚାଟିଆ ବାବୁରାଜ ଖତମ କରିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି ।

# କେନ୍ଦ୍ର ମନ୍ତ୍ରୀଙ୍କ ନାଲ୍‌କୋ ମୁଖ୍ୟାଳୟ ଓ ପ୍ଲାଣ୍ଟ ପରିଦର୍ଶନ



**ଭୁବନେଶ୍ୱର/ଅନୁଗୋଳ, ୨୭/୦୭. ନ୍ୟୁଜ ବ୍ୟୁରୋ**

କେନ୍ଦ୍ର କୋଇଲା ଏବଂ ଖଣି ରାଜ୍ୟ ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଶନିବାର ପ୍ରଥମ ଥର ପାଇଁ ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି । ଭୁବନେଶ୍ୱରରେ ପହଞ୍ଚିବା ପରେ ସମସ୍ତ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ନାଲ୍‌କୋ ସିଏମଡି ଶ୍ରୀଧର ପାତ୍ର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ବୃକ୍ଷରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନ "ଏକ ପେଡ଼ ଗାଁ କେ ନାମ' କୁ ସଫଳ କରିବା ନିମନ୍ତେ ସେ ଏକ ଚାରା ରୋପଣ କରିବା ସହ ନାଲ୍‌କୋର ବରିଷ୍ଠ ଅଧିକାରୀମାନଙ୍କ ସହ କମ୍ପାନୀ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ । ଏଥି ସହ ମନ୍ତ୍ରୀ ଅନୁଗୋଳ ସ୍ଥିତ ନାଲ୍‌କୋର ସ୍ମେଲ୍ଟର ପ୍ଲାଣ୍ଟ ଏବଂ ପାୱାର ପ୍ଲାଣ୍ଟ ପରିଦର୍ଶନ କରି ଉତ୍ପାଦନ ଓ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ନାଲ୍‌କୋ ସିଏମଡିଙ୍କ ସହ କମ୍ପାନୀର ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ନାଲ୍‌କୋର କାର୍ଯ୍ୟଦକ୍ଷତା ସହ ନାଲ୍‌କୋ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ, କଠିନ ପରିଶ୍ରମ ଏବଂ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ମନ୍ତ୍ରୀ ଶ୍ରୀ ଦୁବେ ଉଚ୍ଚ ପ୍ରଶଂସା କରିଥିଲେ ।

## ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୟନିକାର ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

# ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ପ୍ରଚାର ପ୍ରସାରରେ ସହାୟକ ହେବ

**ଭୁବନେଶ୍ୱର, ୨୭/୭ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୁ ପଟ୍ଟନାୟକ ବିମାନବନ୍ଦର ଭିତରେ ବୟନିକାର ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୟନିକାର ଏହି ସ୍ୱତନ୍ତ୍ର ଶୋରୁମ୍ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଗାରିମାକୁ ରାଜ୍ୟ ଓ ଦେଶ ବାହାରେ ପ୍ରତିପାଦିତ କରିବା ସହିତ ଏହା ପ୍ରଚାର ପ୍ରସାରରେ ସହାୟକ ହେବ । ଏଥିପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ସ୍ଥାନୀୟ ଉତ୍ପାଦର ପ୍ରଚାର ପ୍ରସାର ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଏହି ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା ଆଧାରରେ ଓଡ଼ିଶାର ହସ୍ତତନ୍ତ ସହିତ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦ ଗୁଡିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଦୃତ କରିବା ପାଇଁ ଏହି ପଦକ୍ଷେପ ସହାୟକ ହେବ। ସୂଚନାଯୋଗ୍ୟ ଯେ ଉତ୍କର୍ଷ କଳାର ନିଦର୍ଶନ ଭାବରେ ଓଡ଼ିଶା ହସ୍ତତନ୍ତ ତାହାର ପରିଚୟ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଜାହିର କରିପାରିଛି । ଓଡ଼ିଶା ହସ୍ତତନ୍ତର ରୁଚିପୂର୍ଣ୍ଣ ବୁଣାଶୈଳୀ ଓ ଆକର୍ଷଣୀୟ ଡିଜାଇନ୍ ଯୋଗୁଁ ବିଶ୍ୱ ବଜାରରେ ଚାହିଦା ରହିଛି। ଓଡ଼ିଶା ହସ୍ତତନ୍ତ ଉତ୍ପାଦର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସର୍ବଦା କାର୍ଯ୍ୟ କରିଆସୁଛି । ଏହି ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ, ବୟନିକା ଓଡ଼ିଶାର ହସ୍ତତନ୍ତକୁ ବିଶ୍ୱ ଦରବାରରେ ଆଦୃତ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଅଛି । ଏହି ଉଦ୍ଦେଶ୍ୟରେ କେବଳ ଜିଆଇ ମାନ୍ୟତା ପ୍ରାପ୍ତ ୯ ଗୋଟି ଓଡ଼ିଶା ହସ୍ତତନ୍ତ ଉତ୍ପାଦ ଯଥା କୋଟପାଡ୍ ବସ୍ତ୍ର, ଓଡ଼ିଶା ଇକତ୍, ଖଣ୍ଡୁଆ ଶାଢୀ, ଗୋପାଳପୁର ଟସର ବସ୍ତ୍ର, ଧଳାପଥର ପରଦା ଓ ବସ୍ତ୍ର, ସମ୍ବଲପୁରୀ ବାନ୍ଧ ଶାଢୀ ଓ ବସ୍ତ୍ର, ବମକାଇ ଶାଢୀ, ହାବାସ୍‌ପୁରୀ ଶାଢୀ, ବ୍ରହ୍ମପୁର ପାଟ ଶାଢୀ ଓ ଫୋଡାକୁମ୍ଭ ଶାଢୀ ଇତ୍ୟାଦିର ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଗେଟ୍ ନଂ.୭ ନିକଟସ୍ଥ ପ୍ରଥମ ମହଲାର ସୁରକ୍ଷା ହଲ୍ଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଖୋଲାଯାଇଛି ।



ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କ ସହିତ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉପସ୍ଥିତ ରହିଥିଲେ। ଉଦ୍‌ଘାଟନ ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କୁ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ଥିବା ରୁଚିପୂର୍ଣ୍ଣ ହସ୍ତତନ୍ତ ଉତ୍ପାଦଗୁଡିକ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଶୋଭନ କୃଷ୍ଣ ସାହୁ, ବୟନିକାର ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଯୁଗ୍ମ ସଚିବ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଅନନ୍ୟା ଦାସ, ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଭୁବନେଶ୍ୱର ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦେଶ ତଥା ଦେଶ ବାହାରକୁ ଯାତ୍ରା କରୁଥିବା ଯାତ୍ରୀ, ବିମାନ ବନ୍ଦରରେ ଏହି ଜିଆଇ ମାନ୍ୟତା ପ୍ରାପ୍ତ ଓଡ଼ିଶା ହସ୍ତତନ୍ତ ଉତ୍ପାଦ ଗୁଡିକୁ କିଣି ପାରିବେ । ସମସ୍ତଙ୍କୁ ଓଡ଼ିଶା ହସ୍ତତନ୍ତ ବିଷୟରେ ଅବଗତ କରିବା ପ୍ରୟାସରେ ଏହି ଆଧୁନିକ ନୂଆ ବୟନିକା ବିକ୍ରୟ କେନ୍ଦ୍ରକୁ ଖୋଲାଯାଇଛି । ସୂଚନାଯୋଗ୍ୟ ଯେ ଏହି କେନ୍ଦ୍ରରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି ।

# ସାମ୍ବାଦିକା ଆତ୍ମହତ୍ୟା ଘଟଣା : କମିସନରେଟ ପୋଲିସଠାରୁ ତଥ୍ୟ ନେଲା ଏୟାରଫୋର୍ସ

**ଭୁବନେଶ୍ୱର, ୨୭/୭ ନ୍ୟୁଜ ବ୍ୟୁରୋ**

ସାମ୍ବାଦିକା ମଧୁମିତା ପରିଡ଼ା ଆତ୍ମହତ୍ୟା ଘଟଣା । କମିସନରେଟ ପୋଲିସଠାରୁ ତଥ୍ୟନେଇଛି ଏୟାରଫୋର୍ସ ଅଧିକାରୀ । ଗିରଫ ଅଭିଯୁକ୍ତ ସ୍ୱାମୀ ଶ୍ରୀଧର ଜେନାଙ୍କ ବିରୋଧରେ ମାମଲା ସମ୍ବନ୍ଧୀୟ ତଥ୍ୟ ଏୟାରଫୋର୍ସ ନେଇଥିବା ସୂଚନା ମିଳିଛି । ଜବତ ଶ୍ରୀଧର ଓ ମଧୁମିତାଙ୍କ ମୋବାଇଲକୁ ଫରେନସିକ ଲାବକୁ ପଠାଯିବ । ଶ୍ରୀଧର କେତେଜଣଙ୍କ ସହ ପରକୀୟା ସମ୍ପର୍କ ରଖିଛି ସେନେଇ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀପ ସିଂ କହିଛନ୍ତି । ତଦନ୍ତରେ ଯେଉଁମାନଙ୍କ ସଂପୃକ୍ତି ରହିଛି ସେମାନଙ୍କୁ ପଚରାଉଚରା କରାଯିବ । ଆବଶ୍ୟକ ପଡିଲେ ମଧୁମିତାଙ୍କ ସାଙ୍ଗଙ୍କୁ ଡାକି ତଥ୍ୟ ସଂଗ୍ରହ କରିବ କମିଶନରେଟ ପୋଲିସି । ସେପଟେ ଶନିବାର ବାପୁଜି ନଗରରୁ ମିଳିଛି ମଧୁମିତାଙ୍କ ସ୍କୁଟି । ଏକ ଧଳା ରଙ୍ଗର ସ୍କୁଟି ଜବତ କରିଛି ଧଉଳି ଥାନା ପୋଲିସ । ମଧୁମିତା ଆତ୍ମହତ୍ୟା କରିବା ପରଠାରୁ ସ୍କୁଟିକୁ ନେଇ ଉଠିଥିଲା ଅନେକ ପ୍ରଶ୍ନ । ସ୍କୁଟି କିଏ ନେଲା ତାହାକୁ ନେଇ ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଶନିବାର ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ସ୍କୁଟିକୁ ଜବତ କରି ଥାନାକୁ ନେଇଛି । ଶେଷ ଥର ପାଇଁ ଆତ୍ମହତ୍ୟା କରିବାକୁ ଯିବା ସମୟରେ ମଧୁମିତା ସ୍କୁଟିରେ ଯାଉଥିବା ସିସିଟିଭିରେ ଜଣାପଡିଥିଲା । କିନ୍ତୁ ମୃତ୍ୟୁ ପରେ ସ୍କୁଟି ମିଳିନଥିଲା ।


ପ୍ରକାଶ ଅପେକ୍ଷାରେ...
'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି ।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ୨୪୩ କେଜି ଗଞ୍ଜେଇ ଜବତ ସ୍କୁଲ ଶିକ୍ଷକଙ୍କ ସହ ୬ ଗିରଫ୍

**ବଲାଙ୍ଗୀର, ୨୭/୭ ନ୍ୟୁଜ ବ୍ୟୁରୋ**

ଅଭିନବ ଉପାୟରେ ଶିକ୍ଷକ କରୁଥିଲେ ଗଞ୍ଜେଇ ଚାଲାଣ । ଅଢେଇ କୁଇଣ୍ଟାଲ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ବେଳେ ଧରିଲା ପୋଲିସ । ବଲାଙ୍ଗୀରର ଜଣେ ଶିକ୍ଷକ ଓ ଜଣେ କପଡା ବ୍ୟବସାୟୀ ଅଭିନବ ଉପାୟରେ କରୁଥିଲେ ଗଞ୍ଜେଇ ଚାଲାଣ। ଶିକ୍ଷକ ଓ କପଡା ବ୍ୟବସାୟୀ ସମେତ ୬ ଜଣଙ୍କୁ ଗିରଫ କରିଛି ପୋଲିସ । ବଲାଙ୍ଗୀର-ଟିଟିଲାଗଡ ଅଞ୍ଚଳ ଏବେ ଗଞ୍ଜେଇ ଚାଲାଣର ହବ୍ ପାଲିଟିଛି । ତେବେ ଏଥିରେ ଶନିବାର ପୋଲିସକୁ ଏକ ବଡ ସଫଳତା ମିଳିଥିବାବେଳେ ପୋଲିସ ଜଣେ ଶିକ୍ଷକ ଓ ଜଣେ କପଡା ବ୍ୟବସାୟୀ ସମେତ ୬ଜଣଙ୍କୁ ଗିରଫ କରିଛି । ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ବିପୁଳ ପରିମାଣର ଗଞ୍ଜେଇ ଛତିଶଗଡ ରାଜ୍ୟକୁ ଚାଲାଣ ହେଉଥିବାର ସୂଚନା ପାଇଥିଲା । ଏଥିରେ ଟିଟିଲାଗଡ ପୋଲିସ ତଥା କଣ୍ଟାବାଞ୍ଜି ପୋଲିସ ମିଳିତ ଭାବରେ ସବୁ ମୁଖ୍ୟ ରାସ୍ତାରେ ନାକାବନ୍ଦୀ କରି ଏକ ପିକ୍‌ଅପ୍ ଗାଡ଼ିକୁ ଧରିଥିଲେ । ଯେଉଁଥିରେ କପଡା ଭର୍ତ୍ତି ଥିବାବେଳେ ଏକ ଲୁକ୍କାୟିତ କ୍ୟାବିନରେ ୨୪୩ କେଜିରୁ ଅଧିକ ଗଞ୍ଜେଇ ଠାବ ହୋଇଥିଲା । ଏହି ଘଟଣାରେ ଅଧିକ ତଦନ୍ତ କରିବା ପରେ ପୋଲିସ କନ୍ଧମାଳ ଜିଲ୍ଲାରୁ ୫ଜଣ ଓ ବଲାଙ୍ଗୀରର ଜଣଙ୍କୁ ଗିରଫ କରିଛି । ଯେଉଁଥିରେ କନ୍ଧମାଳ ଜିଲ୍ଲାର ୟୁପି ସ୍କୁଲ୍ ଶିକ୍ଷକ ପ୍ରଭାତ ମୁନି ଓ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡାର କପଡା ବ୍ୟବସାୟୀ ବୁଦ୍ଧି ସାଗର ମେହେର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି । ତେବେ କପଡା ବ୍ୟବସାୟ ଆଳରେ ଏହି ଗଞ୍ଜେଇ କାରବାର ହୋଇ ଆସୁଥିଲା । ଯେଉଁଥିରେ କନ୍ଧମାଳ ଜିଲ୍ଲାର ଶିକ୍ଷକ ପ୍ରଭାତ ମୁନି ଓ ଏହି କପଡା ବ୍ୟବସାୟୀ ମିଳିତ ଭାବରେ ଏଭଳି ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରି ଆସୁଥିଲେ । ଏନେଇ ବଲାଙ୍ଗୀର ଏସ୍‌ପି ଋଷିକେଶ କିଲରୀ କହିଛନ୍ତି, 'ଟିଟିଲାଗଡ ଅଞ୍ଚଳ ଦେଇ ବାହାର ରାଜ୍ୟକୁ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଥିବାର ସୂଚନା ମିଳିଥିଲା । ଏଥିରେ ପୋଲିସ ବିଗତ ନିର୍ବାଚନ ପୂର୍ବରୁ କଡା ପଦକ୍ଷେପ ନେଇ ଆସୁଥିବା ବେଳେ ଏଥର ଏକ ବଡ କାରବାର ଓ କିଙ୍ଗପିନକୁ ଧରିବାରେ ପୋଲିସ ସଫଳ ହୋଇଛି । ଏଥିରେ ମୁଖ୍ୟ ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ୟୁପି ସ୍କୁଲ୍ ଶିକ୍ଷକ ପ୍ରଭାତ ମୁନି ଓ ବଲାଙ୍ଗୀର ବଙ୍ଗୋମୁଣ୍ଡାର କପଡା ବ୍ୟବସାୟୀ ବୁଦ୍ଧି ସାଗର ମେହେର । ସମ୍ପୃକ୍ତ ଶିକ୍ଷକ ଜଣକ କନ୍ଧମାଳ ଅଞ୍ଚଳରୁ ବିଭିନ୍ନ ଗଞ୍ଜେଇ ଚାଷୀଙ୍କଠାରୁ ଗଞ୍ଜେଇ କିଣି ଏଠିକାର କପଡା ବ୍ୟବସାୟୀ ସହିତ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରି ଆସୁଥିଲେ ।

# ଅନୁଗୋଳ-ପୁରୀ ପାସେଞ୍ଜର ଟ୍ରେନ୍‌ରେ ବଡ଼ ଧରଣର ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୭।୭ ନ୍ୟୁଜ ବ୍ୟୁରୋ**

ଅନୁଗୋଳ-ପୁରୀ ପାସେଞ୍ଜର ଟ୍ରେନର ବ୍ରେକରେ ଶନିବାର ନିଆଁ ଲାଗିଛି। ପୁରୀ ମାଳତିପାଟପୁର ରେଳ ଷ୍ଟେଶନ ନିକଟରେ ଟ୍ରେନ୍ ପଛ ପାଖ ଇଞ୍ଜିନରୁ ଧୂଆଁ ବାହାରିବା ଲୋକେ ଦେଖିଥିଲେ। ପରେ ଟ୍ରେନର ବ୍ରେକରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ତେବେ ତୁରନ୍ତ ଟ୍ରେନରୁ ସମସ୍ତ ଯାତ୍ରୀ ଓହ୍ଲାଇ ପଡ଼ିଥିଲେ। ଟେକ୍‌ନିକାଲ ଟିମ୍ ପହଞ୍ଚି ଯାଞ୍ଚ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ଇଞ୍ଜିନରେ ଅଧିକ ଉତ୍ତାପ ଯୋଗୁ ନିଆଁ ଲାଗିଥିବା ସୂଚନା ମିଳିଛି। ତେବେ ଏ ନେଇ ଯାଞ୍ଚ ଚାଲିଛି।


